**ହତ୍ୟା ଅଭିଯୋଗ ମାମଲାରେ କାର୍ଯ୍ୟାନୁଷ୍ଠାନ ଦାବି**

କେନ୍ଦ୍ରାପଡା ଅଫିସ-କେନ୍ଦ୍ରାପଡା ସଦର ଥାନା ମଡରପୁରଠାରେ ଗତ ୧୬ ତାରିଖରେ ଏହି ଗ୍ରାମର ପପୁ ମଲ୍ଲିକଙ୍କ ମୃତଦେହ ସନ୍ଦେହଜନକ ଭାବେ ଉଦ୍ଧାର ହୋଇଥିଲା। ଏ ନେଇ ଥାନାରେ ମାମଲା ସତ୍ତ୍ୱେ ପୋଲିସ ତଦନ୍ତରେ ଅଗ୍ରଗତି କରୁନାହିଁ। ଅଭିଯୁକ୍ତଙ୍କୁ ତଦନ୍ତ ପରିସରକୁ ଆଣି କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସ୍ତ୍ରୀ ରୀନା ଓ ପରିବାର ସଦସ୍ୟ ଥାନାଧିକାରୀଙ୍କୁ ଶୁକ୍ରବାର ଗୁହାରି କରିଛନ୍ତି। ରୀନାଙ୍କ ଅଭିଯୋଗ ମୁତାବକ, ସେହିଦିନ ମଧ୍ୟାହ୍ନରେ ପପୁ ଘରେ ଖାଉଥିବା ବେଳେ ଗାଁର ଜଣେ ବ୍ୟକ୍ତି ଡାକି ନେଇଥିଲେ। ତେବେ ସନ୍ଧ୍ୟାରେ ତାଙ୍କ ମୃତଦେହ ଗ୍ରାମ ନିକଟ ଦଳଗଡିଆରୁ ଜବତ ହୋଇଥିଲା। ଏ ନେଇ ଥାନାରେ ନଂ. ୩୯୮/ ୨୧ରେ ମାମଲା ରୁଜୁ ହୋଇଥିବା ଶ୍ୱଶୁର ଭରତ ମଲ୍ଲିକ କହିଛନ୍ତି।

## ସଂକ୍ଷେପରେ

### ଧର୍ମରକ୍ଷା ସେନା ପକ୍ଷରୁ ରାଜନଗରରେ ବିକ୍ଷୋଭ

**ରାଜନଗର, ୨୩।୭(ଡି.ଏନ.ଏ.):** କେନ୍ଦ୍ରାପଡ଼ା ଜିଲା ଧର୍ମ ଜାଗରଣ ସମନ୍ୱୟ କମିଟିର ସଂଯୋଜକ, ଧର୍ମରକ୍ଷା ସେନାର ଉପଦେଷ୍ଟା, ତିନିମୁହାଣି ବଜାର କମିଟିର ସଭାପତି ବିବେକାନନ୍ଦ ମହାରଣା (ବାବୁଲି) ହତ୍ୟା ଉଦ୍ୟମ ଘଟଣାକୁ ୯ ଦିନ ବିତି ଯାଇଛି। ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କୁ ଧରିବାରେ ବିଫଳ ହୋଇଛି। ସୁରକ୍ଷାକର୍ମୀଙ୍କ ସାହସିକତା ପାଇଁ ବାବୁଲି ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସୁରକ୍ଷାକର୍ମୀଙ୍କ ଗୁଳିମାଡ଼ରେ ଆକ୍ରମଣ କରିବାକୁ ଆସିଥିବା ଦୁଇ ଯୁବକଙ୍କ ମଧ୍ୟରୁ ଜଣକ ଦେହରେ ଗୁଳି ବାଜିଥିଲା। ସେମାନେ ଖସି ଯାଇ ନିଶ୍ଚିନ୍ତକୋଇଲିର ଏକ ନର୍ସିଂହୋମରେ ଗୁଳି ବାହାର କରିଥିଲେ। ଏହି ଘଟଣାରେ ପୋଲିସ ନର୍ସିଂହୋମ ମାଲିକଙ୍କ ସମେତ ଦୁଇ ଜଣଙ୍କୁ ଗିରଫ କରିଥିଲା। ହେଲେ ଆଜି ଯାଏ ମୁଖ୍ୟ ଅଭିଯୁକ୍ତଙ୍କୁ ଧରିବାରେ ପୋଲିସ ସଫଳ ହୋଇପାରିନି। ଏହାକୁ ନେଇ ରାଜନଗରଠାରେ ଗୁରୁବାର ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ତହସିଲଦାର ଭୋଳାନାଥ ସେଠୀଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ରାଜନଗର ଧର୍ମ ଜାଗରଣ ସମନ୍ୱୟ ସଂଯୋଜକ, ରଶ୍ମିରଞ୍ଜନ ପରିଡ଼ା, ଶିବ ପ୍ରସାଦ ମହାପାତ୍ର, ସତ୍ୟପ୍ରକାଶ ସେଠୀ, ଚନ୍ଦ୍ରକାନ୍ତ ସେଠୀ, ପ୍ରଳୟ ମଲିକ, ଅଶ୍ୱିନୀ କୁମାର ରାଉତ ପ୍ରମୁଖ ଶୋଭାଯାତ୍ରାରେ ଆସି ରାଜନଗର ତହସିଲ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ତହସିଲଦାରଙ୍କୁ ଦାବିପତ୍ର ଦେଇଛନ୍ତି।

### ଚାଷୀ କି ଇଞ୍ଜିନିୟର ହୁଅ, ଭଲ ମଣିଷ ପାଇଁ ଚେଷ୍ଟା କର

**ଆଳି, ୨୩।୭ (ଡି.ଏନ.ଏ.):** ଚାଷ କର କି ଇଞ୍ଜିନିୟର ହୋଇ ଭବିଷ୍ୟତରେ ଜଣେ ଭଲ ମଣିଷ ହୁଅ ବୋଲି ଆଳିର ଶରତ କୁମାର ଦେବ ସରକାରୀ ଉଚ୍ଚ ବିଦ୍ୟାଳୟର କୃତୀ ଛାତ୍ରୀଛାତ୍ରମାନଙ୍କୁ ସମ୍ବର୍ଦ୍ଧନା ଦେବା ଉତ୍ସବରେ ଅତିଥିମାନେ ମତ ପ୍ରକାଶ କରିଛନ୍ତି। ବିଦ୍ୟାଳୟର ମାଟ୍ରିକ ପରୀକ୍ଷାରେ ଏ୧ ଓ ଏ୨ ଗ୍ରେଡରେ ପାସ୍ କରିଥିବା ଓ ବ୍ଲକରେ ଟପ୍ପର ହୋଇଥିବା ଛାତ୍ରୀଛାତ୍ର ଓ ଜାତୀୟ ଆୟଭିତ୍ତିକ ମେଧାବୃତ୍ତି ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ପିଲାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଳି ବ୍ଲକ ଶିକ୍ଷା ଅଧିକାରୀ ଗୋବିନ୍ଦ ଚନ୍ଦ୍ର ପରିଡ଼ା ଏହା କହିଛନ୍ତି। ପାଠ ପଢ଼ି କିଏ ଚାଷୀ ମୂଲିଆ ବା ଇଞ୍ଜିନିୟର ହୋଇପାରେ। କିନ୍ତୁ ଭବିଷ୍ୟତରେ ଭଲ ମଣିଷ ହେବାକୁ ସମସ୍ତେ ଚେଷ୍ଟା କରିବା ଉଚିତ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ମଲିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ବି.ଏମ. ସେନାପତି, ସମ୍ମାନିତ ଅତିଥି ଭାବେ ବିଆରସିସି ପାବନୀ କୁମାର ରାଉତ, ବିଦ୍ୟାଳୟ ଏସ୍ଏମ୍ସି ସଭାପତି ସତ୍ୟାନନ୍ଦ ପରିଡା, ଏସ୍ଏମ୍ଡିସି ସଭ୍ୟ ଶରତ ରାୟ, ଗଣେଶ୍ୱର ପାତ୍ର, ସିଆରସିସି ହଳଧର ସାହୁ ପ୍ରମୁଖ ଯୋଗଦେଇଥିଲେ। ମାଟ୍ରିକ ପରୀକ୍ଷାରେ ଏ୧ ପାଇ ଆଳି ବ୍ଲକରେ ସର୍ବାଧିକ ନମ୍ବର ରଖିଥିବା ପ୍ରଜ୍ଞା ପାରମିତା ପଣ୍ଡା, ଲିପ୍ସିତା ମହାନ୍ତି ଓ ସୌମ୍ୟା ମିଶ୍ର ଏବଂ ଏ୨ ରେ ଥିବା ପ୍ରତୀକ ମହାନ୍ତି ଓ ଅନ୍ୟ ୧୪ ଜଣ, ଜାତୀୟ ଆୟଭିତ୍ତିକ ମେଧାବୃତ୍ତି ପରୀକ୍ଷାରେ ସଫଳ ରିତିଶା ସ୍ୱାଇଁଙ୍କ ସହ ଅନ୍ୟ ୬ ଜଣକୁ ସାର୍ଟିଫିକେଟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ୨୫ କୋଟି ବ୍ୟୟ, ଚାଷୀଙ୍କ କାମରେ ଲାଗୁନି

**କେନ୍ଦ୍ରାପଡ଼ା ଅଫିସ, ୨୩।୭**

ନିର୍ବାଚନ ଆସିଲେ ସାଧାରଣ ଜନତାଙ୍କୁ ରାଜନେତା ପ୍ରତିଶ୍ରୁତିର ପାହାଡ଼ ଉପରେ ବସାଇ ଦିଅନ୍ତି। ତେବେ ସାଧାରଣ ନିର୍ବାଚନ ପୂର୍ବରୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଥିବା ଏକ ବୃହତ୍ ଜଳସେଚନ ପ୍ରକଳ୍ପ ଅଦ୍ୟାବଧି ଚାଷୀଙ୍କ କାର୍ଯ୍ୟରେ ନ ଲାଗିବା ପରି ଘଟଣା ଆଳି ନିର୍ବାଚନମଣ୍ଡଳୀ ରାଜକନିକା ବ୍ଲକ ଅଞ୍ଚଳରେ ଦେଖିବାକୁ ମିଳିଛି। ବ୍ଲକର ଦେଉଳତରାଠାରେ ୬ ପଞ୍ଚାୟତର ପ୍ରାୟ ୧୨୦୦ ଏକର ଜମିକୁ ଜଳସେଚନ ପାଇଁ ୨୫ କୋଟି ଟଙ୍କା ବ୍ୟୟରେ ଏହି ପ୍ରକଳ୍ପ ହୋଇଥିଲା। ହେଲେ ୧୨ ଏକର ଜମିକୁ ମଧ୍ୟ ଏ ପର୍ଯ୍ୟନ୍ତ ପାଣି ଯୋଗାଇ ଦିଆଯାଉନାହିଁ। ଏପରି କି ଏହି ପ୍ରକଳ୍ପକୁ କାର୍ଯ୍ୟକାରୀ ପାଇଁ ବାରମ୍ବାର ସ୍ଥାନୀୟ ବିଧାୟକ ଓ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ଏହାର ସୁଫଳ ମିଳୁ ନ ଥିବା ଲୋକ ପ୍ରତିନିଧି ଓ ଚାଷୀମାନେ ପ୍ରକାଶ କରିଛନ୍ତି।

ଦେଉଳତରାର ଚାଷୀ ସୁବାସ ଚନ୍ଦ୍ର ପାଣ୍ଡବ, ଅଭିମନ୍ୟୁ ବାରିକ, ମାନଗୋବିନ୍ଦ ପଣ୍ଡା, ବିଷ୍ଣୁଚରଣ ବାରିକ, ବିଜୟ ନାୟକ ପ୍ରମୁଖ କହିଛନ୍ତି, ଦେଉଳତରାର ଏହି ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାଧାରଣ ନିର୍ବାଚନ ପୂର୍ବରୁ ୨୦୧୯ ମାର୍ଚ୍ଚରେ ଉଦ୍‌ଘାଟନ କରିଥିଲେ। ନିର୍ବାଚନ ପୂର୍ବରୁ ତରବରିଆ ଭାବେ ଏହା ଉଦ୍‌ଘାଟିତ ହୋଇଥିଲେ ମଧ୍ୟ ନିର୍ମାଣ କାର୍ଯ୍ୟ ଶେଷ ହୋଇ ନ ଥିଲା। ଉଦ୍‌ଘାଟନର ପ୍ରାୟ ବର୍ଷେ ପରେ ଜଳସମ୍ପଦ ବିଭାଗ ପକ୍ଷରୁ ଏହି ପ୍ରକଳ୍ପର ନିର୍ମାଣ ଶେଷ ହୋଇଥିଲା। ପ୍ରକଳ୍ପ ଅଧୀନରେ ଦେଉଳତରା ସମେତ ମୁରାଦପୁର, ଉଜାଙ୍ଗ, ସିହୋପଡ଼ା, ପାରିନୂଆପଡ଼ା- ହାବଳଗଣ୍ଡ ଓ ନମତରା ପଞ୍ଚାୟତର ପ୍ରାୟ ୧୨୦୦ ଏକର ଜମିକୁ ଜଳସେଚନ ହେବ ବୋଲି ସୂଚନା ଦିଆଯାଇଥିଲା। ଖରସ୍ରୋତା ନଦୀରୁ ପାଣି ଉଠାଇ କ୍ଷେତକୁ ପାଣି ଦିଆଯିବ ବୋଲି ପ୍ରତିଶ୍ରୁତି ମିଳିଥିଲେ ମଧ୍ୟ ପ୍ରକଳ୍ପ କାର୍ଯ୍ୟକାରୀ ହେଉ ନ ଥିବାରୁ ପ୍ରାୟ ୧୦ ହଜାର ଚାଷୀ ଏବେ ବର୍ଷାକୁ ଭରସା କରିଛନ୍ତି। ଚଳିତ ଖରିଫ ଚାଷ ପାଇଁ କ୍ଷେତରେ ଆବଶ୍ୟକ ପାଣି ନାହିଁ। ଚାଷୀ ଧାନ ତଳି ପ୍ରସ୍ତୁତ କରିଥିଲେ ମଧ୍ୟ ରୋଇବା ପାଇଁ ବର୍ଷାକୁ ଅପେକ୍ଷା କରିଛନ୍ତି। ଚାଷୀ ଋଣ କରି ଚାଷ କରୁଥିବା ବେଳେ ଫସଲ ଗଜା ମରୁଡି ହେଲେ ଋଣ ଶୁଝିବା କଷ୍ଟକର ହେଉଛି। ଏ ନେଇ ଜିଲାପାଳ ଓ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରାଯାଉଥିଲେ ମଧ୍ୟ ସୁଫଳ ମିଳିନାହିଁ।

**ଦେଉଳତରାର ବୃହତ୍ ଉଠା ଜଳସେଚନ ପ୍ରକଳ୍ପ**



ନିର୍ମାଣ ହୋଇଥିବା ବୃହତ ଉଠା ଜଳସେଚନ ପ୍ରକଳ୍ପ।

- ସାଧାରଣ ନିର୍ବାଚନ ପୂର୍ବରୁ ହୋଇଥିଲା ଉଦ୍‌ଘାଟନ
- କାର୍ଯ୍ୟକ୍ଷମ ପାଇଁ ୬ ପଞ୍ଚାୟତବାସୀଙ୍କ ଦାବି

ପ୍ରକଳ୍ପର ତ୍ରୁଟିକୁ ସୁଧାରି ତୁରନ୍ତ ଜଳ ଯୋଗାଣ କରିବାକୁ ସେମାନେ ଦାବି କରିଛନ୍ତି। ଏ ନେଇ ସାମାଜିକ କର୍ମୀ ପ୍ରତାପ ପାଢ଼ୀ କୁହନ୍ତି, ରାଜନେତାଙ୍କ ସାଧାରଣ ଜନତାଙ୍କୁ ପ୍ରତିଶ୍ରୁତି ଦେବା ଓ ଏହାକୁ କାର୍ଯ୍ୟକାରୀ କରିବା କ୍ଷେତ୍ରରେ କେନ୍ଦ୍ରାପଡ଼ା ଜିଲା ସବୁବେଳେ ପଛରେ ଅଛି। ରାଜ୍ୟ ସରକାରଙ୍କ ଘୋଷଣା ଅନୁଯାୟୀ ପ୍ରତି ବ୍ଲକ ଅଞ୍ଚଳର କ୍ଷେତକୁ ଅନ୍ୟୂନ ୩୫ ପ୍ରତିଶତ ଜଳସେଚନ ବ୍ୟବସ୍ଥା ରହିବ। ତେବେ କେନ୍ଦ୍ରାପଡ଼ା ଜିଲାରେ ଏହା ସମ୍ଭବ ହେଉନାହିଁ। ଜିଲାର ଆଳି ଓ ରାଜନଗର ବ୍ଲକ ଅଞ୍ଚଳରେ ଆଦୌ କେନାଲ ନାହିଁ। ଉଠା ଜଳସେଚନ ଏଠାରେ ଚାଷୀଙ୍କ ପାଇଁ ଭରସା ପାଲଟିବା କଥା। ତେବେ ଏହି ଦୁଇ ବ୍ଲକ ଅଞ୍ଚଳରେ ଥିବା ୬୨୯ଟି ଉଠା ଜଳସେଚନ ପ୍ରକଳ୍ପ ମଧ୍ୟରୁ ଅଧାରୁ ଅଧିକ ଅଚଳ ହୋଇଗଲାଣି। ପ୍ରଶାସକ ଓ ରାଜନେତାଙ୍କ ଏଥିପ୍ରତି ଆନ୍ତରିକତା ଅଭାବରୁ ଉଦ୍‌ଘାଟିତ ପ୍ରକଳ୍ପ କାର୍ଯ୍ୟକାରୀ ହୋଇପାରୁନାହିଁ। ଦେଉଳତରା ସରପଞ୍ଚ ସୁଜାତା ଦାସ କହିଛନ୍ତି, ପ୍ରକଳ୍ପକୁ ନେଇ ଚାଷୀ ଅସନ୍ତୋଷ ବଢ଼ୁଛି। ୨୦୨୦ରେ ଏହାର ଟ୍ରାଏଲ ରନ ହୋଇଥିଲେ ମଧ୍ୟ ଏହାର ତ୍ରୁଟିକୁ ସୁଧାର ହେଉନି। ଏ ନେଇ ବହୁବାର ଜିଲାପାଳ ଓ ବିଧାୟକଙ୍କ ଦୃଷ୍ଟିକୁ ଅଣାଯାଇଛି ବୋଲି ସେ ପ୍ରକାଶ କରିଛନ୍ତି। ଆଳି ବିଧାୟକ ପ୍ରତାପ କେଶରୀ ଦେବଙ୍କ ମୋବାଇଲ ନଂ. ୯୪୩୭୦୫୪୨୫୨କୁ ଫୋନ ଯୋଗେ ସଂଯୋଗ କରାଯାଇଥିଲେ ମଧ୍ୟ ଯୋଗାଯୋଗ ସମ୍ଭବ ହୋଇନାହିଁ। ତେବେ ଉଠା ଜଳସେଚନ ନିର୍ବାହୀଯନ୍ତ୍ରୀ ସୁନୀଲ କୁମାର ରାଉତଙ୍କୁ ପଚାରିବାରେ ଏହି ପ୍ରକଳ୍ପର ଟ୍ରାଏଲ ହୋଇଯାଇଛି। କେତେକ ଅଞ୍ଚଳକୁ ପାଣି ଯାଉ ନ ଥିବା ତ୍ରୁଟି ନଜରକୁ ଆସିଛି। ଏହି ତ୍ରୁଟିକୁ ସୁଧାରି ଚଳିତବର୍ଷ ଖରିଫ ଚାଷ ପାଇଁ ପାଣି ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି।

## ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ମହିଳାଙ୍କୁ ଆକ୍ରମଣ

**ରାଜନଗର, ୨୩।୭ (ଡି.ଏନ.ଏ.)**

ରାଜନଗର ଥାନା ଭିତରଗଡ ଗାଁର ରମାକାନ୍ତ ଜେନାଙ୍କ ସ୍ତ୍ରୀ ବିଦ୍ୟୁଲତାଙ୍କୁ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ମରଣାନ୍ତକ ଆକ୍ରମଣ ହୋଇଥିବା ଶୁକ୍ରବାର ଅଭିଯୋଗ ହୋଇଛି। ଆକ୍ରମଣରେ ମହିଳାଙ୍କ ବାମ ହାତରେ ଭୁଜାଲି ଚୋଟ ବାଜି କ୍ଷତ ସୃଷ୍ଟି ହୋଇଛି। ଅଭିଯୋଗ ମୁତାବକ, ପୂର୍ବରୁ ରମାକାନ୍ତଙ୍କର ସେହି ଗାଁର ଗୋଲେଖ ଜେନାଙ୍କ ସହ ଶତ୍ରୁତା ଥିଲା। ଗୁରୁବାର ରମାକାନ୍ତ ଘରେ ନ ଥିବା ବେଳେ ଗୋଲେଖ ଓ ତାଙ୍କ ସ୍ତ୍ରୀ ସବିତା ତାଙ୍କ ବିଦ୍ୟୁଲତାଙ୍କୁ ଗାଳିଗୁଲଜ କରିବା ସହ ଜୀବନରୁ ମାରି ଦେବା ପାଇଁ ଭୁଜାଲିରେ ଆକ୍ରମଣ କରିଥିଲେ। ବିଦ୍ୟୁଲତା ହାତ ଦେଖାଇ ଦେବାରୁ ତାଙ୍କ ହାତରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ଏହାପରେ ଗୋଲେଖ ଓ ତାଙ୍କ ସ୍ତ୍ରୀ ବିଦ୍ୟୁଲତାଙ୍କୁ ତଳେ ପକାଇ ମାଡ ମାରିଥିଲେ। ଅଚେତ ହୋଇ ପଡିବା ପରେ ଛାଡି ପଳାଇଥିଲେ। ରମାକାନ୍ତ ଘରେ ପହଞ୍ଚି ବିଦ୍ୟୁଲତାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରିବା ସହ ଥାନାରେ ଅଭିଯୋଗ କରିଛନ୍ତି। ଥାନାରେ ନଂ. ୩୪୦/୨୧ରେ ମାମଲା ରୁଜୁ ହୋଇଛି।

# ‘ଓଡ଼ିଆ ସାହିତ୍ୟକୃତି ଦେଶ ବିଦେଶରେ ଆଦୃତ’

**ଜଗତ୍‌ସିଂହପୁର ଅଫିସ, ୨୩।୭**

ଓଡ଼ିଶା ସାହିତ୍ୟ ଏକାଡେମୀର ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ବିଦ୍ୟାଳୟସ୍ତରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ଆସନ୍ତା ୨୫ ତାରିଖରେ ପୁରସ୍କୃତ କରାଯିବ। ଏହି ପ୍ରତିଯୋଗିତାରେ ଜଗତ୍‌ସିଂହପୁର ଜିଲାର ୨ ଜଣ ଛାତ୍ରୀ କୃତିତ୍ୱ ହାସଲ କରି ଜିଲା ପାଇଁ ଗୌରବ ଆଣିଛନ୍ତି। ସେମାନେ ହେଲେ ଜଗତ୍‌ସିଂହପୁର କେନ୍ଦ୍ରୀୟ ବିଦ୍ୟାଳୟ ଛାତ୍ରୀ ଅବିସ୍ମରା ମିଶ୍ର ଓ ଦୀପଶିଖା ମିଶ୍ର। ରାଜ୍ୟସ୍ତରୀୟ ବକ୍ତୃତାର ବରିଷ୍ଠ ବର୍ଗରେ ଅବିସ୍ମରା ପ୍ରଥମ ଓ କବିତା ଆବୃତ୍ତିର କନିଷ୍ଠ ବର୍ଗରେ ଦୀପଶିଖା ତୃତୀୟ ସ୍ଥାନ ହାସଲ କରିଛନ୍ତି। ଏହି ଦୁହିଁଙ୍କ ସମେତ ଜିଲାସ୍ତରୀୟ ପ୍ରତିଯୋଗିତାର କୃତିତ୍ୱ ହାସଲ କରିଥିବା ୧୮ଜଣ ଛାତ୍ରୀଛାତ୍ରଙ୍କୁ ଶୁକ୍ରବାର ଜିଲାପାଳ ତଥା ଜିଲା ସଂସ୍କୃତି ଅଧିକାରୀ ସଂଗ୍ରାମ କେଶରୀ ମହାପାତ୍ର ପୁରସ୍କାର ସହ ପ୍ରମାଣପତ୍ର ପ୍ରଦାନ କରିଛନ୍ତି ।

ଏହି ଅବସରରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ କୋଭିଡ୍ ମାର୍ଗଦର୍ଶିକା ଅନୁଯାୟୀ ଆୟୋଜିତ ଉତ୍ସବରେ ଜିଲାପାଳ କହିଥିଲେ ଓଡ଼ିଶାର ବରପୁତ୍ର ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, କବିବର ରାଧାନାଥ ରାୟ, ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ସାହିତ୍ୟକୃତି, କାବ୍ୟ ଓ କବିତା ବହୁ ଗୁରୁତ୍ୱ ବହନ କରେ। ସେମାନଙ୍କ ଦ୍ୱାରା ରଚିତ ଓଡିଆ ସାହିତ୍ୟ କେବଳ ରାଜ୍ୟ ନୁହେଁ ଦେଶ, ବିଦେଶରେ ମଧ୍ୟ ଆଦୃତ ହୋଇଛି। ଉତ୍ସବରେ ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରା ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଜିଲା ସଂସ୍କୃତି ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ସ୍ୱାଗତ ସୂଚନା ଦେଇଥିଲେ। ଉତ୍ସବରେ ଛାତ୍ରୀଛାତ୍ର, ଅଭିଭାବକ, ଶିକ୍ଷୟିତ୍ରୀ, ଶିକ୍ଷକମାନେ ଉପସ୍ଥିତ ଥିଲେ।


ଜିଲାପାଳ ସଂଗ୍ରାମକେଶରୀ ମହାପାତ୍ର ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

**୨୫ରେ ଓଡ଼ିଶା ସାହିତ୍ୟ ଏକାଡେମୀ ସ୍ୱନକ୍ଷତ୍ର ଦିବସ**

## ବଜ୍ରପାତରେ ଚାଷୀଙ୍କ ମୃତ୍ୟୁ

**ପଟ୍ଟାମୁଣ୍ଡାଇ, ୨୩।୭(ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ ଥାନା ଦାଣ୍ଡିସାହି ଗାଁର ଜଣେ ଚାଷୀଙ୍କ ବଜ୍ରପାତରେ ମୃତ୍ୟୁ ଘଟିଛି। ସେ ହେଲେ ବିଶ୍ୱନାଥ ପ୍ରଧାନ(୬୦)। ଗୁରୁବାର ଜମିରୁ କଖାରୁ ଭାର ନେଇ ଘରକୁ ଫେରୁଥିଲେ। ବାଲିକିରା ଠାକୁରାଣୀ ପାଖରେ ବଜ୍ରପାତ ହୋଇଥିଲା। ଏଥିରେ ସେ ଗୁରୁତର ହୋଇପଡିଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ଗ୍ରାମବାସୀ ଏବଂ ପରିବାର ଲୋକେ ଆମ୍ବୁଲାନ୍ସରେ କେନ୍ଦ୍ରାପଡା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଯାଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ବିଶ୍ୱନାଥଙ୍କ ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ସରକାରୀ ସହାୟତା ଯୋଗାଇଦେବାକୁ ପୂର୍ବତନ ସରପଞ୍ଚ କୈଳାସ ସେଠୀ ଦାବି କରିଛନ୍ତି।

## ମାଟିକାନ୍ଥ ଭୁଶୁଡ଼ି ଅଙ୍ଗନୱାଡି ସହାୟିକା ମୃତ

**ଆଳି,୨୩।୭(ଡି.ଏନ.ଏ.)**

ଆବାସ ଖଣ୍ଡେ ନ ପାଇ ଝାଟିମାଟି କୁଡିଆରେ ଜୀବନ ବିତାଉଥିବା ଆଳି ଥାନା ନରେନ୍ଦ୍ରପୁର ଅଙ୍ଗନୱାଡି କେନ୍ଦ୍ର ସହାୟିକା ଗୁରୁବାର ରାତିରେ ତାଙ୍କ ସ୍ୱାମୀ ଓ ଦୁଇ ନାତିଙ୍କ ସହ ଶୋଇଥିଲେ। ଘରର ମାଟିକାନ୍ଥ ଭୁଶୁଡି ତାଙ୍କ ଉପରେ ପଡିବାରୁ ମୃତ୍ୟୁ ଘଟିଛି। ସବୁଦିନ ପରି ରାତିରେ କାଶୀନାଥ ମହାନ୍ତି, ସ୍ତ୍ରୀ ଅଙ୍ଗନୱାଡି ସହାୟିକା ନିରୁପମା (୫୮), ଦୁଇ ନାତି ଶିବରାଜ ବେହେରା ଓ ଦେବରାଜ ବେହେରା ଶୋଇଥିଲେ। ରାତି ୧୨ଟାରେ ହଠାତ ଘର କାନ୍ଥ ଭୁଶୁଡି ପଡିଥିଲା। ଏହା ନିରୁପମା ଓ କାଶୀନାଥଙ୍କ ଉପରେ ପଡିବା ପରେ ସେମାନେ ଚିତ୍କାର କରିଥିଲେ। ଦୁଇନାତି ଘରୁ ପଦାକୁ ଆସି ପଡୋଶୀଙ୍କୁ ଡାକି ଥିଲେ। ପଡୋଶୀଙ୍କ ସହାୟତାରେ ସେମାନଙ୍କ ଉପରୁ ମାଟି କାଢି କାଶୀନାଥଙ୍କୁ ଆହତ ଅବସ୍ଥାରେ ଉଦ୍ଧାର କରିଥିଲେ। ହେଲେ ନିରୁପମାଙ୍କ ଉପରୁ ମାଟି କାଢିବା ପରେ ତାଙ୍କର ମୃତ୍ୟୁ ହୋଇ ଯାଇଥିବା ଦେଖିବାକୁ ମିଳିଥିଲା। ଶୁକ୍ରବାର ଆମ୍ବୁଲାନ୍ସରେ କାଶୀନାଥଙ୍କୁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଗ୍ରାମବାସୀ ନେଇଥିଲେ। କାଶୀନାଥ ଏବେ ସୁସ୍ଥ ଥିବା ସୂଚନା ମିଳିଛି। ଆଳି ମେଡିକାଲରେ ନିରୁପମାଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ରେଡକ୍ରଶରୁ ୧୦ ହଜାର ଟଙ୍କା ସହାୟତା ପରିବାର ଲୋକଙ୍କୁ ପ୍ରଦାନ କରିଛନ୍ତି।

## ବିଦ୍ୟୁତ୍ ଚେକିଂ ଆଳରେ ମହିଳାଙ୍କୁ ଅସଦାଚରଣ ଅଭିଯୋଗ

# କନିଷ୍ଠ ଯନ୍ତ୍ରୀଙ୍କ ନାମରେ କୋର୍ଟରେ ମାମଲା

**ପଟ୍ଟାମୁଣ୍ଡାଇ, ୨୩।୭(ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ ବିଦ୍ୟୁତ୍ ସବ୍‌ଡିଭିଜନ ଅଧୀନ ଅଢାଜୋଡି ସେକଶନ କାର୍ଯ୍ୟାଳୟର କନିଷ୍ଠ ଯନ୍ତ୍ରୀ ଲାଇନ ଚେକିଂ କରିବା ଆଳରେ ଘରେ ପଶି ଜଣେ ମହିଳାଙ୍କୁ ଅସଦାଚରଣ କରିଥିବା ନେଇ କୋର୍ଟରେ ମାମଲା ରୁଜୁ ହୋଇଛି। ଅଢାଜୋଡି ସେକଶନ କନିଷ୍ଠ ଯନ୍ତ୍ରୀ ସତ୍ୟବ୍ରତ ପ୍ରଧାନ ଗତ ୧୫ ତାରିଖରେ ବିଦ୍ୟୁତ୍ ଲାଇନ ଚେକିଂ କରିବାକୁ ଏକ ଗାଁକୁ ଯାଇଥିଲେ। ଗାଁର ଜଣେ ମହିଳା ଏକୁଟିଆ ଘରେ ଥିବା ବେଳେ କନିଷ୍ଠ ଯନ୍ତ୍ରୀ ପ୍ରଧାନ ଲାଇନ ଚେକିଂ ବାହାନାରେ ତାଙ୍କୁ ଅସଦାଚରଣ କରିଥିଲେ। ଏ ନେଇ ମହିଳା ଜଣକ ୧୬ ତାରିଖରେ ପଟ୍ଟାମୁଣ୍ଡାଇ ଥାନାକୁ ଅଭିଯୋଗ କରିବାକୁ ଆସିଥିଲେ। ମାତ୍ର ଥାନାରେ ତାହା ଗ୍ରହଣ କରାଯାଇ ନ ଥିବା ସେ ଅଭିଯୋଗ କରିଛନ୍ତି। ଏଥିରୁ ନିରାଶ ହୋଇ ମହିଳା ଜଣକ ଗୁରୁବାର ପଟ୍ଟାମୁଣ୍ଡାଇ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ ନିକଟରେ ଏକ କମ୍ପ୍ଲେନ କେସ୍ ନଂ. ୭୭/୨୧ ରୁଜୁ କରିଛନ୍ତି। ଏ ନେଇ କନିଷ୍ଠ ଯନ୍ତ୍ରୀ ପ୍ରଧାନଙ୍କପଚାରିବାରେ ଉକ୍ତ ମହିଳା ହୁକ ପକାଉଥିବା ଅଭିଯୋଗରେ ଚେକିଂ କରିବାକୁ ଯାଇଥିଲି। ସେଠାରେ କେତେଜଣ ମହିଳାପୁରୁଷ ମତେ ଗାଳିଗୁଲଜ କରିବା ସହ ମାଡ ମାରିଥିଲେ। ଏ ନେଇ ପଟ୍ଟାମୁଣ୍ଡାଇ ଥାନାରେ ଲିଖିତ ଅଭିଯୋଗ କରିଛି ବୋଲି ସେ କହିଛନ୍ତି।

# କାର୍ଯ୍ୟାନୁଷ୍ଠାନ ଦାବିରେ ଡିଜିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

**ଡେ଼ରାବିଶ ୨୩।୭ (ସ୍ୱ.ପ୍ର.)**

କେନ୍ଦ୍ରାପଡ଼ା ଜିଲା ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା ଏକ ଧାରଣା କାର୍ଯ୍ୟକ୍ରମରେ ଖବର ସଂଗ୍ରହ କରୁଥିବା ବେଳେ ଏକ ୱେବ ପୋର୍ଟାଲ ଚ୍ୟାନେଲର ଜଣେ ଖବରଦାତାଙ୍କୁ ମହିଳା କନଷ୍ଟେବଳ ଆକ୍ରମଣ କରିବା ଘଟଣା ଏବେ ରାଜ୍ୟରେ ଚର୍ଚ୍ଚା ଜୋର ଧରିଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଡେରାବିଶ ବ୍ଲକ ଅଞ୍ଚଳର ବିଭିନ୍ନ ୱେବ ପୋର୍ଟାଲ ଚ୍ୟାନେଲର ଖବରଦାତାମାନେ ଏହା ବିରୋଧରେ ଡେରାବିଶ ଥାନା ସମ୍ମୁଖରେ ଏକତ୍ରିତ ହୋଇ ଶାନ୍ତିପୂର୍ଣ୍ଣ ପ୍ରତିବାଦ ଜଣାଇଛନ୍ତି। ପୋଲିସ ଦ୍ୱାରା ଏପରି କାର୍ଯ୍ୟକୁ ଖବରଦାତାମାନେ ଘୋର ନିନ୍ଦା କରିବା ସହ ମହିଳା କନଷ୍ଟେବଳଙ୍କୁ ନିଲମ୍ବନ କରି ତୁରନ୍ତ ତାଙ୍କୁ ଗିରଫ କରିବାକୁ ଦାବି କରିଛନ୍ତି। ଜିଲା ପ୍ରଶାସନ ଦ୍ୱାରା ଉକ୍ତ କନଷ୍ଟେବଳଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ଘଣ୍ଟ ଘୋଡାଯାଉଥିବାରୁ ଆନ୍ଦୋଳନକାରୀ ଖବରଦାତାମାନେ ଏହାର ଦୃଢ ବିରୋଧ କରିଥିଲେ। ଏଥିସହ ଏହି ଘଟଣାରେ ସମ୍ପୃକ୍ତ ଥିବା ମହିଳା କନଷ୍ଟେବଳଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଖବରଦାତାମାନେ ପୋଲିସ ଡିଜିଙ୍କ ଉଦ୍ଦେଶ୍ୟରେ ଆଇଆଇସିଙ୍କ ମାଧ୍ୟମରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ପ୍ରତିବାଦରେ ୱେବ ପୋର୍ଟାଲ ଚ୍ୟାନେଲ ଖବରଦାତା ନିରୁପମା ଦାସ, ପ୍ରଫୁଲ୍ଲ କୁମାର ମଲ୍ଲ, ତ୍ରିଲୋଚନ ବେହେରା, ପ୍ରଶାନ୍ତ କୁମାର ନାୟକ, ନିରାକର ମହାରଣା, ସର୍ବେଶ୍ୱର ମଲିକ ଓ ବିଜୟ କୁମାର ବେହେରା ପ୍ରମୁଖ ସାମିଲ ହୋଇଥିଲେ। ଆଇଆଇସିଙ୍କ ଅନୁପସ୍ଥିତିରେ ସବ୍ ଇନ୍ସପେକ୍ଟର ନାରାୟଣ ମହାରଣାଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

**ମହିଳା କନଷ୍ଟେବଳଙ୍କ ଖବରଦାତାଙ୍କୁ ଆକ୍ରମଣ ଘଟଣା**


ୱେବ ପୋର୍ଟାଲ ଚ୍ୟାନେଲ ଖବରଦାତାମାନେ ସବ୍‌ଇନ୍ସପେକ୍ଟରଙ୍କୁ ଦାବିପତ୍ର ଦେଉଛନ୍ତି।

# ବେଲପାଳ ନୂତନ ପଞ୍ଚାୟତ କାର୍ଯ୍ୟାଳୟ ଉଦ୍‌ଘାଟିତ

**ରାଜନଗର, ୨୩।୭ (ଡି.ଏନ.ଏ.)**

ଗତ ପଞ୍ଚାୟତ ନିର୍ବାଚନରେ ରାଜନଗର ବ୍ଲକର ବେଲପାଳ ଗାଁ ନୂତନ ପଞ୍ଚାୟତର ମାନ୍ୟତା ପାଇଥିଲା। ଗୋଟିଏ ଗାଁକୁ ନେଇ ପଞ୍ଚାୟତ ଗଠନ କରାଯାଇଛି। ଯୁବକ ସଂଘ କାର୍ଯ୍ୟାଳୟରେ ପଞ୍ଚାୟତ କାର୍ଯ୍ୟାଳୟ ଚାଲୁଥିଲା। ନୂତନ ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ ହେବା ପରେ ଶୁକ୍ରବାର ତାହା ଉଦ୍‌ଘାଟିତ ହୋଇଛି। ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନୂତନ ପଞ୍ଚାୟତ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିଲେ। ସରପଞ୍ଚ ମଞ୍ଜୁଲତା ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ବିଜୁ ଜନତା ଦଳର ସମବାୟ ସେଲର ସମ୍ପାଦକ ପ୍ରମୋଦ ସାମଲ, ବ୍ଲକ ବିଜେଡି ସଭାପତି ଅଶୋକ କୁମାର ପ୍ରତିହାରୀ, ସମିତିସଭ୍ୟ ଗୋବର୍ଦ୍ଧନ ପ୍ରଧାନ, ପଞ୍ଚାୟତ ବିଜେଡି ସଭାପତି ନବ କିଶୋର ପଣ୍ଡା, ବିଜେଡି ବ୍ଲକ ଉପସଭାପତି ନିରଞ୍ଜନ ରାଉତ, ଯୁବ ବିଜେଡି ସଭାପତି ଜ୍ଞାନରଞ୍ଜନ ନାୟକ, ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର ସେଠୀ, ଓଗ୍ରିଆ ସରପଞ୍ଚ କେଦାରନାଥ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ବିବେକାନନ୍ଦ ମଲ୍ଲିକ, ଜିଆରଏସ ଶ୍ରଦ୍ଧାଞ୍ଜଳି ପ୍ରଧାନ, ସମସ୍ତ ସଭ୍ୟାସଭ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ବେଲପାଳ ପଞ୍ଚାୟତ ନୂତନ ଗୃହ ଉଦ୍‌ଘାଟନ ଉତ୍ସବରେ ଉପସ୍ଥିତ ଅତିଥିମାନେ।

# ମତ୍ସ୍ୟଜୀବୀଙ୍କ ପାଇଁ କଣ୍ଟା ସାଜିଛି ‘ଜିପିଏସ୍ ୫୮୦’

**ପାରାଦୀପ ମାଛଧରା ବନ୍ଦର**

- ନୂତନ ଜିପିଏସ୍ ପାଇଁ ୩୦ରୁ ୩୫ ହଜାର ଟଙ୍କା ଦରକାର
- ୫୫୯ରୁ ୧୩୦ ଟ୍ରଲରରେ ନୂତନ ମଡେଲ ଲଗାଯାଇଛି
- ନିଷିଦ୍ଧାଞ୍ଚଳରେ ପ୍ରବେଶମାତ୍ରେ ଆଲାର୍ମ ବାଜିବା ସୁବିଧା ରହିଛି

**ପାରାଦୀପ,୨୩।୭(ସ୍ୱ.ପ୍ର.)**

ରାଜ୍ୟର ଅନ୍ୟତମ ବୃହତ ପାରାଦୀପ ମାଛଧରା ବନ୍ଦର ପାଇଁ ଏବେ ନୂଆ ଜିପିଏସ୍ (ଗ୍ଲୋବାଲ ପୋଜିଶନିଂ ସିଷ୍ଟମ)ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। ଏହି ବନ୍ଦର ଉପରେ ପ୍ରାୟ ୫୦ ହଜାର ମତ୍ସ୍ୟଜୀବୀ ନିର୍ଭରଶୀଳ। ଜିପିଏସ୍ ବ୍ୟବସ୍ଥା ସେମାନଙ୍କ ତଣ୍ଟିରେ କଣ୍ଟା ସଦୃଶ ହୋଇଛି। ପରିବର୍ତ୍ତିତ ନୂଆ ‘ଜିପିଏସ୍ ୫୮୦’ ଲଗାଇବେ କି ନାହିଁ ସେନେଇ ବହୁ ମତ୍ସ୍ୟଜୀବୀ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ଶୁକ୍ରବାର ସୁଦ୍ଧା ପାରାଦୀପ ମାଛଧରା ବନ୍ଦରରେ ଚଳିତବର୍ଷ ପଞ୍ଜିକୃତ ହୋଇଥିବା ୫୫୯ ମାଛଧରା ଟ୍ରଲର ମଧ୍ୟରୁ ମାତ୍ର ୧୩୦ରେ ନୂଆ ଜିପିଏସ୍ ଲଗାଯାଇଛି ବୋଲି ମତ୍ସ୍ୟବିଭାଗ ପକ୍ଷରୁ ସୂଚନା ମିଳିଛି। ଅବଶିଷ୍ଟ ଟ୍ରଲର ପୁରୁଣା ଜିପିଏସ୍ ଲଗାଇ ସମୁଦ୍ରରେ ମାଛ ଧରୁଛନ୍ତି।

ପାଣିପାଗ ସମ୍ବନ୍ଧୀୟ ସୂଚନା, ସ୍ଥଳଭାଗଠାରୁ ଦୂରତା, ବିପଦ ସମୟରେ ସୁରକ୍ଷା ବଳ ସହ ଯୋଗାଯୋଗ ସୁବିଧା ପାଇଁ ମାଛଧରା ଟ୍ରଲରରେ ଜିପିଏସ୍ ବ୍ୟବହାର କରାଯାଏ। ଏହାସତ୍ତ୍ୱେ ଟ୍ରଲରଗୁଡିକ ପ୍ରାୟତଃ ସମୁଦ୍ରରେ ମାଛ ଧରିବାବେଳେ ସାମୁଦ୍ରିକ ଅଭୟାରଣ୍ୟ ନିଷିଦ୍ଧାଞ୍ଚଳ ଭିତରକୁ ପଳାଇ ଯାଇଥାନ୍ତି। ଏହାଦ୍ୱାରା ସେଠାରେ ବିରଳ ପ୍ରଜାତିର ଅଲିଭ ରିଡଲେ କଇଁଛଙ୍କ ପ୍ରତି ବିପଦ ସୃଷ୍ଟି ହୁଏ। ସମୁଦ୍ରର ଓଡ଼ିଶା ଉପକୂଳ ଗହୀରମଥା, ବରୁଣେଇ ମୁହାଣ ସମେତ କେତେକ ସ୍ଥାନ ବର୍ଷତମାମ ପାଇଁ କଟକଣା ଜାରି କରାଯାଇଛି। ସେହି ଅଞ୍ଚଳରେ ଅଧିକାଂଶ ସମୟରେ ଟ୍ରଲରଗୁଡିକ ପ୍ରବେଶ କରି ମାଛ ଧରିବାବେଳେ ମତ୍ସ୍ୟବିଭାଗ, କୋଷ୍ଟଗାର୍ଡ, ବନବିଭାଗ ଦ୍ୱାରା ଧରାପଡ଼ନ୍ତି। ଏପରିକି ପାଟ୍ରୋଲିଂ ଟିମ୍ ଓ ମତ୍ସ୍ୟଜୀବୀଙ୍କ ମଧ୍ୟରେ ମୁହାଁମୁହିଁ ହୋଇଥାଏ।

ଏହି ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ଏକ ସ୍ୱେଚ୍ଛାସେବୀ ସଙ୍ଗଠନ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଡବ୍ଲୁପି (ସି)୭୧୧୮ କରିଥିଲେ। ଏହାର ଶୁଣାଣି କରି ହାଇକୋର୍ଟ ମେ ୩୧ରେ ଟ୍ରଲରଗୁଡ଼ିକରେ ପୁରୁଣା ପରିବର୍ତ୍ତେ ନୂତନ ଜିପିଏସ୍ ୫୮୦ ଲଗାଇବାକୁ ମତ୍ସ୍ୟବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଜିପିଏସ୍ ୫୮୦ରେ ପୁରୁଣା ଜିପିଏସ୍‌ରେ ଥିବା ବ୍ୟବସ୍ଥା ବ୍ୟତୀତ ସହଜ ଯାତାୟାତ ପାଇଁ ମାର୍ଗ ଚିହ୍ନଟ, ନିଷିଦ୍ଧାଞ୍ଚଳରେ ପ୍ରବେଶ କଲାମାତ୍ରେ ଆଲାରାମ ଭଳି ଶବ୍ଦ କରିବା, ସମୁଦ୍ରରେ ମତ୍ସଜୀବୀଙ୍କ କେଉଁ ସ୍ଥାନରେ ଅଛନ୍ତି ସେସମ୍ବନ୍ଧରେ ବନ ବିଭାଗ କର୍ମଚାରୀଙ୍କୁ ସୂଚନା ମିଳିବା ଭଳି ବ୍ୟବସ୍ଥା ରହିଛି।

ଏହିକ୍ରମରେ ନୂତନ ମଡେଲ ଜିପିଏସ୍ ୫୮୦ ଲଗାଇବାକୁ ମତ୍ସ୍ୟବିଭାଗ ରାଜ୍ୟର ସମସ୍ତ ମାଛଧରା ଟ୍ରଲର ମାଲିକଙ୍କୁ ପରାମର୍ଶ ଦେଇଛି। ପରିବର୍ତ୍ତିତ ଜିପିଏସ୍ ସମ୍ପର୍କରେ ଓଡ଼ିଶା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦକ ସଂଘ (ଓମ୍ପା)ର ପୂର୍ବତନ ସଭାପତି ଶ୍ରୀକାନ୍ତ ପରିଡା କୁହନ୍ତି, ପ୍ରତ୍ୟେକ ଟ୍ରଲର ମାଲିକ ପୂର୍ବରୁ କୋଷ୍ଟଗାର୍ଡ ଓ ମତ୍ସ୍ୟବିଭାଗର ନିର୍ଦ୍ଦେଶ ଅନୁସାରେ ଜିପିଏସ୍ ଲଗାଇଛନ୍ତି। ସେସବୁ ଜିପିଏସ ଏବେ କ’ଣ ହେବ। ପୁରୁଣା ଜିପିଏସ୍ ଲଗାଇବା ପାଇଁ ୨୦ରୁ ୨୫ ହଜାର ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ନୂଆ ମଡେଲ କିଣିବାକୁ ୩୦ ରୁ ୩୫ ହଜାର ଟଙ୍କା ଦରକାର। ଅପରପକ୍ଷେ ଏବେର ସ୍ଥିତି ଅନୁସାରେ ଅଧିକାଂଶ ମାଲିକ ଜିପିଏସ୍ କିଣିବା ଅବସ୍ଥାରେ ନାହାନ୍ତି। ପ୍ରତିଦିନ ତେଲ ରେଟ ବଢୁଥିବା ବେଳେ ମାଛ ଉତ୍ପାଦନ ହ୍ରାସ ପାଉଛି। ମାଛର ବଜାର ମୂଲ୍ୟ ମଧ୍ୟ କମିଛି। ଚଳିତବର୍ଷ ପାଖାପାଖି ୭୦୦ ଟ୍ରଲର ମଧ୍ୟରୁ ୫୫୯ ପଞ୍ଜୀକରଣ କରାଯାଇଛି। ସେଥିରୁ ଏବେ ୧୫୦ ରୁ ୧୮୦ ଟ୍ରଲର କେବଳ ମାଛ ଧରୁଛନ୍ତି। ଆଉ ମାତ୍ର ୨ରୁ ୩ ମାସରେ ମାଛ ଧରିବା ପରେ ଟ୍ରଲର ଆପଣା ଛାଏଁ ବନ୍ଦ ହୋଇଯିବାର ଆଶଙ୍କା ରହିଛି। ଯଦି ନୂତନ ଜିପିଏସ ଲଗାଯିବ ସେଗୁଡ଼ିକ ସରକାର ଖର୍ଚ୍ଚ ବହନ କରନ୍ତୁ ବୋଲି ସେ କହିଛନ୍ତି। ପାରାଦୀପ ସାମୁଦ୍ରିକ ମତ୍ସ୍ୟ ଅଧିକାରୀ ମନୋରଞ୍ଜନ ମହାପାତ୍ର କୁହନ୍ତି, ଏହା ହାଇକୋର୍ଟଙ୍କ ନିର୍ଦ୍ଦେଶ। ଏହି ନୂତନ ମଡେଲ ଜିପିଏସ ଲଗାଇଲେ ମତ୍ସ୍ୟଜୀବୀଙ୍କ ପାଇଁ ଅନେକ ଉପାଦେୟ ହେବ। ସେମାନେ ନିଷିଦ୍ଧାଞ୍ଚଳରେ ପ୍ରବେଶ କଲାମାତ୍ରେ ସୂଚନା ପାଇପାରିବେ। ଏହାଦ୍ୱାରା ସେମାନେ ଅଯଥା ମକଦ୍ଦମାରୁ ବର୍ତ୍ତିଯିବେ।



## ଅର୍ଥ ଲଗାଣକାରୀ ସଂସ୍ଥା ପରିଚାଳକଙ୍କ ନାମରେ ଠକେଇ ଅଭିଯୋଗ

ଜଗତ୍‌ସିଂହପୁର ଅଫିସ:ଭାରତ ଫାଇନାନ୍‌ସିଆଲ ଇନ୍‌କ୍ଲୁସନ୍ ଲିମିଟେଡ୍ (ବିଏଫ୍‌ଆଇଏଲ୍) ଜଗତ୍‌ସିଂହପୁର ଶାଖା ସଙ୍ଗମ ପରିଚାଳକ ତଥା ପୁରୀ ଜିଲା ତେଲାଙ୍ଗ ଥାନା ଜୟପୁରର ପ୍ରଭଞ୍ଜନ ପରିଡ଼ା (୨୪)ଙ୍କ ନାମରେ ଠକେଇ ଅଭିଯୋଗ ହୋଇଛି। ସେ ୩,୩୪,୮୫୧ ଟଙ୍କା ଅନିୟମିତତା କରିଛନ୍ତି ବୋଲି ଜଗତସିଂହପୁର ଥାନାରେ ଅଭିଯୋଗ ହୋଇଛି। ଏନେଇ ଶାଖା ପରିଚାଳକ ଅଜୟ ସାହୁଙ୍କ ଅଭିଯୋଗ କ୍ରମେ ପୋଲିସ ମାମଲା (ନଂ.୩୬୬/୨୧) ରୁଜୁ କରିଛି। ଅଜୟ ଓ ବିଏଫ୍‌ଆଇଏଲ୍ ଡେପୁଟି ଡିଭିଜନାଲ ମ୍ୟାନେଜର ତାପସ ପତି ଲୋକଙ୍କ ଋଣ କିସ୍ତି ନେଣଦେଣରେ ଅନିୟମିତତା ସମ୍ପର୍କରେ କ୍ଷେତ୍ର ପରିଦର୍ଶନ କରିବାକୁ ଯାଇଥିଲେ। ଏହି ସମୟରେ ଲକ୍ଷାଧିକ ଟଙ୍କା ଠକେଇ ହୋଇଥିବା ବିଷୟରେ ଜାଣିପାରିଥିଲେ।

### ସଂକ୍ଷେପରେ

## ୧୮.୫ କେଜି ଗଞ୍ଜେଇ ଜବତ, ୨ କୋର୍ଟଚାଲାଣ



ରସୁଲପୁର,୨୩।୭(ଡି.ଏନ.ଏ.): କୁଆଖିଆ ଥାନା ଅନ୍ତର୍ଗତ ନଠୁଆବର ପଞ୍ଚାୟତ କୃଷ୍ଣପଡ଼ା ଛକ ନିକଟରୁ ଶୁକ୍ରବାର ପୋଲିସ ପାଟ୍ରୋଲିଂ ଭ୍ୟାନ ଏକ ସ୍କୁଟିରୁ ୧୮.୫ କେଜି ଗଞ୍ଜେଇ, ୨ଟି ମୋବାଇଲ ଫୋନ ଓ ୧୧,୫୯୦ଟଙ୍କା ଜବତ କରିଛି। ଏଥିସହିତ ଚୋରା ଗଞ୍ଜେଇ ଚାଲାଣ କରୁଥିବା ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅଧୀନ ବଡ଼କଇଁଚି ପଞ୍ଚାୟତ ଗରୁଆଳ ଗ୍ରାମର ରାଜକିଶୋର ସାହୁ(୪୨) ଓ ରାହାମ୍ବା ପଞ୍ଚାୟତ ଡିହକୁରାଂଶ ଗ୍ରାମର ଜଗମୋହନ ପଣ୍ଡା(୩୫)। ଉଭୟ ସ୍କୁଟି ଯୋଗେ ଗଞ୍ଜେଇ ନେଇ ଯାଉଥିବା ପୋଲିସ ନିକଟରେ ଖବର ପହଞ୍ଚି ଥିଲା। ସେମାନେ ମଧୁବନରୁ ଜାବରା ଆଡ଼କୁ ଯାଉଥିବା ବେଳେ କୁଆଖିଆ-ଜେନାପୁର ରାସ୍ତାର କୃଷ୍ଣପଡ଼ା ଛକ ନିକଟରେ ପୋଲିସ ସେମାନଙ୍କୁ କାବୁ କରିଥିଲା। ଏହି ରାସ୍ତାଦେଇ ଚାଲାକାରୀମାନେ ଜିଲା ବାହାରକୁ ଗଞ୍ଜେଇ ପଠାଇବାକୁ ଯୋଜନା ରଖିଥିଲେ। ଏନେଇ ଥାନାରେ ଏକ ମାମଲା ନଂ-୨୫୧/୨୧ରେ ରୁଜୁ ହୋଇଛି।

## ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟରେ ଅନିୟମିତତା ଘଟଣା
## ଜିଲା ପ୍ରଶାସନ ପକ୍ଷରୁ ତଦନ୍ତ ଆରମ୍ଭ

ନାଉଗାଁ,୨୩।୭(ସ୍ୱ.ପ୍ର.): ନାଉଗାଁ ବ୍ଲକ ଅନ୍ତର୍ଗତ ବାଂଶ ପଞ୍ଚାୟତର ବିଭିନ୍ନ ୱାର୍ଡରେ ହୋଇଥିବା ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟରେ ଅନିୟମିତତା ହୋଇଥିବା ଅଭିଯୋଗ କରି ସୋମବାରଠାରୁ ୧୦ ଓ ୧୧ ନଂ. ୱାର୍ଡର ଜବ୍‌କାର୍ଡଧାରୀମାନେ ଅହୋରାତ୍ର ଗଣଧାରଣାରେ ବସିରହିଛନ୍ତି। ଏହାର କାର୍ଯ୍ୟାନୁଷ୍ଠାନ ନ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ସେମାନେ କହିଛନ୍ତି। ଅପରପକ୍ଷେ ଜିଲା ପ୍ରଶାସନ ପକ୍ଷରୁ ୩ ଜଣିଆ ଟିମ ଦ୍ୱାରା ଅଭିଯୋଗ ଉପରେ ତଦନ୍ତ କାର୍ଯ୍ୟ ଗୁରୁବାର ଆରମ୍ଭ ହୋଇଛି। ତଦନ୍ତକାରୀ ଦଳରେ ଜଗତସିଂହପୁର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସହାୟକ ପ୍ରକଳ୍ପ ନିର୍ଦ୍ଦେଶକ(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ପ୍ରାଚୀ ମିଶ୍ର, ଜଗତ୍‌ସିଂହପୁର ସହାୟକ ଯନ୍ତ୍ରୀ ଇଂ.କୃଷ୍ଣଚନ୍ଦ୍ର ସେଠୀ ପ୍ରମୁଖ ରହିଛନ୍ତି। ତଦନ୍ତକାରୀ ଦଳ ପ୍ରଥମେ ବ୍ଲକ କାର୍ଯ୍ୟାଳୟ ପହଞ୍ଚି ବ୍ଲକ ସହାୟକ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ, ଜିଆରଏସଙ୍କ ସହିତ ଆଲୋଚନା କରିବା ପରେ ପ୍ରକଳ୍ପ ଗୁଡିକ ବୁଲି ଦେଖିଥିଲେ। ପରେ ଧାରଣାସ୍ଥଳରେ ପହଞ୍ଚି ଧାରଣାରତଙ୍କ ସହ ଆଲୋଚନା କରିଥିଲେ। ଏହାସତ୍ତ୍ୱେ କୌଣସି ସମାଧାନର ବାଟ ବାହାରିପାରି ନାହିଁ। ଏହି ଘଟଣାରେ ଗତ ୨୧ ଜୁନ୍ ଓ ୨୯ ଜୁନରେ ଗଣଧାରଣା ଦିଆଯିବା ସହ ୭ ଦଫା ଦାବିପତ୍ର ବିଡିଓ ରଶ୍ମିରେଖା ମଲିକଙ୍କୁ ପ୍ରଦାନ କରାଯାଇଥିଲା। ମାତ୍ର କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆ ନ ଯିବାରୁ ଜବ୍‌କାର୍ଡଧାରୀମାନେ ପୁନର୍ବାର ଗଣଧାରଣା ଦେଇଛନ୍ତି।

## ନାବାଳିକା ଉଦ୍ଧାର, ବାପାଙ୍କୁ ହସ୍ତାନ୍ତର

ଯାଜପୁର ଅଫିସ, ୨୩।୭: ଯାଜପୁର ଜିଲା ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ସୋତି ନିକଟରୁ ଜଣେ ୭ ବର୍ଷୀୟା ନାବାଳିକାଙ୍କୁ ପୋଲିସ ଉଦ୍ଧାର କରିଛି। ଶୁକ୍ରବାର ରାତି ପ୍ରାୟ ୮ଟାରେ ଯାଜପୁରରୋଡ ଥାନା ଅନ୍ତର୍ଗତ ପହଙ୍ଗା ଗ୍ରାମର ନାବାଳିକାଙ୍କୁ କେହି ଅପହରଣ କରି ନେଉଥିବା ନେଇ ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ତେବେ ନାବାଳିକା ଜଣକ ତାଙ୍କ ଦାଦା ସହ କୁଆଡ଼େ ବୁଲିବାକୁ ଯାଇ ଗ୍ରାମକୁ ଫେରୁଥିବାବେଳେ ଗ୍ରାମବାସୀ ସନ୍ଦେହ କରି ପୋଲିସକୁ ଖବର ଦେଇଥିବା ଜଣାପଡିଛି। ନାବାଳିକାଙ୍କ ଦାଦା ଅତ୍ୟଧିକ ନିଶାସକ୍ତ ଥିବାରୁ ଝିଆରି ବିଷୟରେ ସେ ଅଜ୍ଞ ରହିଥିଲେ। ଏହିସମୟରେ ନାବାଳିକା କାନ୍ଦୁଥିବା ଦେଖି ସ୍ଥାନୀୟ ଲୋକଙ୍କୁ ସନ୍ଦେହ ହୋଇଥିଲା। ପୋଲିସ ନାବାଳିକାଙ୍କୁ ତାଙ୍କ ବାପାଙ୍କୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି।

# ଜୁଲାଇରେ ୬୭% କମ୍ ବର୍ଷା

**ଯାଜପୁର ଜିଲା**
- ଫସଲହାନି ଆଶଙ୍କା
- ଗଭୀର ଚିନ୍ତାରେ ଶିଳ୍ପାଞ୍ଚଳ ଚାଷୀ

ଯାଜପୁର ଅଫିସ,୨୩।୭

ଜୁନ୍‌ରେ ଆବଶ୍ୟକତାଠାରୁ ୧୮ ପ୍ରତିଶତ କମ୍ ବର୍ଷା ହେଲା। ତଥାପି ଚାଷୀ ଚାଷକାର୍ଯ୍ୟକୁ ଜୋରସୋରରେ ଆରମ୍ଭ କରିଥିଲେ। ଜୁଲାଇରେ ଭଲ ବର୍ଷା ହେବ ବୋଲି ଆଶା ବାନ୍ଧିଥିଲେ। ହେଲେ ବିଡମ୍ବନା ଯେ, ଜୁଲାଇ ୨୩ ସୁଦ୍ଧା ମାସର ସ୍ୱାଭାବିକ ବର୍ଷାଠାରୁ ୬୭ ପ୍ରତିଶତ କମ୍ ବର୍ଷା ହୋଇଛି। ଜୁଲାଇରେ ଯାଜପୁର ଜିଲାରେ ହାରାହାରି ୩୫୦.୯ ମିମି ବର୍ଷା ହେବା କଥା। କିନ୍ତୁ ଶୁକ୍ରବାର ସୁଦ୍ଧା ହାରାହାରି ୧୧୬.୭୮ ମିମି ବର୍ଷା ରେକର୍ଡ କରାଯାଇଛି। ଫଳରେ ସୁକିନ୍ଦା, ଦାନଗଦି, କୋରେଇ, ଧର୍ମଶାଳା, ରସୁଲପୁର ବ୍ଲକ ଅଞ୍ଚଳରେ ଜଳସେଚନର ଆବଶ୍ୟକ ସୁବିଧା ନ ଥିବାରୁ ଚାଷୀଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି। ଗୁରୁତ୍ୱପୂର୍ଣ୍ଣ ବିଷୟ ଯେ, କଳିଙ୍ଗନଗର ଶିଳ୍ପାଞ୍ଚଳ ରହିଥିବା ଦାନଗଦି ବ୍ଲକରେ ମାତ୍ର ୭୩.୫୦ ମିମି ବର୍ଷା ରେକର୍ଡ କରାଯାଇଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି)ର ଖଣି ଓ କାରଖାନାର ପ୍ରଦୂଷଣ ଉପରେ ନିୟନ୍ତ୍ରଣ ରହୁନ ଥିବାରୁ ପୁଣି ଏଭଳି ପରିସ୍ଥିତି ଦେଖାଦେଉଥିବା ମତପ୍ରକାଶ ପାଉଛି।

ଏଥର ନିର୍ଦ୍ଧାରିତ ସମୟରେ ମୌସୁମୀ ପ୍ରବେଶ କରିଥିଲେ ହେଁ ଯାଜପୁର ଜିଲାରେ ଏହା ନିରର୍ଥକ ହୋଇଛି। ଜିଲାର ୧,୪୩,୬୪୫ ହେକ୍ଟର ଚାଷ ଜମି ମଧ୍ୟରୁ ଚଳିତବର୍ଷ ଖରିଫ ଋତୁରେ ପ୍ରାୟ ୧ଲକ୍ଷ ୧୧ହଜାର ହେକ୍ଟର ଜମିରେ ଧାନଚାଷ ପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଛି। ମୌସୁମୀ ଆସି ଯାଇଥିବାରୁ ଚାଷୀମାନେ ଚାଷ କାର୍ଯ୍ୟ ପାଇଁ ବ୍ୟଗ୍ର ଅଛନ୍ତି। କିନ୍ତୁ ଜିଲାରେ ଜୁନରେ ୧୮ ପ୍ରତିଶତ କମ୍ ବର୍ଷା ଏବଂ ହାଇଲେଭଲ କେନାଲ ଯୋଜନାରୁ ଆବଶ୍ୟକ ପାଣିର ଅଭାବ ଚାଷ କାର୍ଯ୍ୟରେ ଅନ୍ତରାୟ ସୃଷ୍ଟି କରିଛି। ଅଣଜଳସେଚିତ ଅଞ୍ଚଳରେ ତଳି ପକାଇବାରେ ଚାଷୀ ଅନୁକୂଳ ପାଗ ଏଯାବତ ପାଇ ପାରିନାହାନ୍ତି। କଳିଙ୍ଗନଗର ଶିଳ୍ପାଞ୍ଚଳରେ ଥିବା ବୃହତ୍ ଶିଳ୍ପ କାରଖାନାଗୁଡିକର ଜଳ ଓ ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ଉପରେ ଏସ୍‌ପିସିବିର କୌଣସି କର୍ତ୍ତୃତ୍ୱ ରହୁନାହିଁ। ଏସ୍‌ପିସିବି ଓ କାରଖାନା କର୍ତ୍ତୃପକ୍ଷଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଲାଗି ରହିଛି। ଫଳରେ ବିଷାକ୍ତ ଧୂଆଁ ପରିବେଶକୁ ଅସନ୍ତୁଳିତ କରି ପକାଉଛି। ଖଣି ଅଞ୍ଚଳରେ ଅବାଧ ବୃକ୍ଷଚ୍ଛେଦନ ଜଳବାୟୁ ପରିବର୍ତ୍ତନରେ ଅନ୍ୟ କାରଣ ହୋଇଛି, ଯଦ୍ୱାରା ବୃଷ୍ଟିପାତରେ ଘୋର ଅନିୟମିତତା ଦେଖାଦେଇଛି ବୋଲି ମତପ୍ରକାଶ ପାଇଛି। ଏଥିଯୋଗୁ ଚାଷୀକୁଳ ଏକ ପ୍ରକାର ହତାଶ ହୋଇ ପଡୁଛନ୍ତି।

ଖରିଫ ଧାନ ଚାଷ ପାଇଁ ଜିଲାରେ ଜୁନରେ ୨୩୮.୫, ଜୁଲାଇରେ ୩୫୦.୯, ଅଗଷ୍ଟରେ ୩୪୧.୨, ସେପ୍ଟେମ୍ବରରେ ୨୩୮ ମିଲିମିଟର ବର୍ଷା ହେବା ଆବଶ୍ୟକ ବୋଲି କୃଷି ବିଭାଗ ପକ୍ଷରୁ ଆକଳନ କରାଯାଇଛି। କିନ୍ତୁ ଜୁଲାଇ ୨୩ ସୁଦ୍ଧା ଜିଲାରେ ହାରାହାରି ୧୧୬.୭୮ ମିମି ବର୍ଷା ହୋଇଛି। ଏଥିରେ ଯାଜପୁର ବ୍ଲକରେ ସର୍ବନିମ୍ନ ୬୮ ମିମି, ବିଞ୍ଝାରପୁର ବ୍ଲକରେ ୧୩୧.୪୦ ମିମି, ଦଶରଥପୁର ବ୍ଲକରେ ୬୪ ମିମି, କୋରେଇ ବ୍ଲକରେ ୬୦.୨୦ ମିମି, ଦଶରଥପୁର ବ୍ଲକରେ ୯୪.୮୦ ମିମି, କୋରେଇରେ ୧୨୯ ମିମି, ଦାନଗଦିରେ ୭୩.୫୦ ମିମି, ସୁକିନ୍ଦାରେ ୧୭୭.୬୦ ମିମି, ରସୁଲପୁରରେ ୮୫.୬୦ ମିମି, ଧର୍ମଶାଳାରେ ୧୦୩ ମିମି, ବଡଚଣାରେ ୧୭୦ ମିମି ଓ ବରୀ ବ୍ଲକରେ ୧୩୪ ମିମି ବର୍ଷା ରେକର୍ଡ ହୋଇଛି। ଅନ୍ୟପକ୍ଷେ ଜିଲାରେ ଅନେକ ନଦୀନାଳ ରହିଥିଲେ ହେଁ ସେହି ଅନୁପାତରେ ଜଳସେଚନ ବ୍ୟବସ୍ଥା ନାହିଁ। ଫଳରେ ବିପଦବେଳେ କେନାଲ, କ୍ଷୁଦ୍ରଜଳସେଚନ ପ୍ରକଳ୍ପ, ବୋର୍‌ୱେଲ, ଡଗ୍‌ୱେଲ ଆଦି କାମକୁ ଲାଗୁନାହିଁ।



ବର୍ଷା ନ ଥିବାରୁ ଚାଷ ଜମି ପଡ଼ିଆ ପଡ଼ିଛି।

## ଘରୋଇ ଜାଗାରେ ସରକାରୀ ରାସ୍ତା

**ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ**

ବରୀ,୨୩।୭(ଡି.ଏନ.ଏ.)

ସରକାର ଲୋକଙ୍କ ଯାତାୟାତ ନିମନ୍ତେ କୋଟିକୋଟି ଟଙ୍କା ଖର୍ଚ୍ଚ କରି ରାସ୍ତା ନିର୍ମାଣ କରୁଛନ୍ତି। କିନ୍ତୁ କେତେଜଣ ଅଧିକାରୀ ଓ ଠିକାଦାରଙ୍କ ମଧ୍ୟରେ ଅସାଧୁ ମେଣ୍ଟ ଯୋଗୁ ରାସ୍ତା ପାଇଁ ଆସୁଥିବା ଅର୍ଥର ଦୁରୁପଯୋଗ ହେଉଛି। ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି ଯାଜପୁର ଜିଲା ବରୀ ବ୍ଲକ ଅଧୀନ ବରୀ ପଞ୍ଚାୟତର ଉତ୍ତର ବରୀ ଗ୍ରାମରେ। ଏଠାରେ ସରକାରୀ ନିୟମ ଉଲ୍ଲଂଘନ କରାଯାଇ ଘରୋଇ ଜାଗାରେ ରାସ୍ତା କରାଯାଇଥିବା ଅଭିଯୋଗ ହୋଇଛି। ତେଣୁ ଏ ଦିଗରେ ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ସୂଚନାଯୋଗ୍ୟ, ଗତ ମହାବନ୍ୟାରେ ବରୀ ଅଞ୍ଚଳ ଅଧିକ ପ୍ରବାହିତ ହୋଇଥିଲା। ବନ୍ୟାରେ ରାସ୍ତା ଘାଟ ଭାଙ୍ଗିରୁଜିଯାଇଥିଲା। ଏହାପରେ ସରକାରଙ୍କ ପକ୍ଷରୁ ଉକ୍ତ ଗ୍ରାମ ରାସ୍ତା ମରାମତି ନିମନ୍ତେ ଦୁଇ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। କାର୍ଯ୍ୟାଦେଶ କନିଷ୍ଠ ଯନ୍ତ୍ରୀଙ୍କ ନାମରେ ଥିଲେ ମଧ୍ୟ ସେହି ଅଞ୍ଚଳର କେତେଜଣ ମୁଷ୍ଟିମେୟ ବ୍ୟକ୍ତି ନିଜ ଜାଗାରେ ରାସ୍ତା କରାଇ ନେଇଛନ୍ତି। ଏନେଇ ୧୧।୦୬।୨୧ରେ ସ୍ଥାନୀୟ ଲୋକେ ଜିଲାପାଳ, ବରୀ ବିଡିଓ ଏବଂ ବରୀ ଅଞ୍ଚଳର ଗଣମାଧ୍ୟମ ପ୍ରତିନିଧିଙ୍କ ନିକଟରେ ଅଭିଯୋଗ କରିଥିଲେ। ଯାହାକି ଗଣମାଧ୍ୟମରେ ବିସ୍ତୃତ ଭାବେ ଏହି ଖବର ପ୍ରକାଶ ପାଇଥିଲା। ମାତ୍ର ରାଜନୈତିକ ଚାପର ବଶବର୍ତ୍ତୀ ହୋଇ ବ୍ଲକ ପ୍ରଶାସନ ଏବେ ଉକ୍ତ କାର୍ଯ୍ୟର ବିଲ୍ ପଇଠ କରିବାର ଉଦ୍ୟମ କରୁଛି। ଏକଥା ସ୍ଥାନୀୟ ଲୋକେ ଜାଣିବା ପରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗ୍ରାମବାସୀ ହାଇକୋର୍ଟଙ୍କୁ ଜଣାଇଛନ୍ତି ଯେ, ନିର୍ମାଣ ହୋଇଥିବା ରାସ୍ତା ଖାତା ନଂ-୩୪୭ ଓ ପ୍ଲଟ୍ ନଂ-୨୬୬୬ଟି ସୟଦ ଅବ୍ଦୁଲା ଖଲିକ୍, ମଯୋଡ଼ା ଖାତୁନ ଓ କିଶୋର ଚନ୍ଦ୍ର ପୁହାଣଙ୍କ ମାଲିକାନାରେ ରହିଛି। ହାଇକୋର୍ଟ ଏହି ଆବେଦନକୁ ଗ୍ରହଣ କରି ପଞ୍ଜୀକୃତ କରିବା ସହ ଶୁଣାଣି ପାଇଁ ମଞ୍ଜୁର ପ୍ରଦାନ କରିଛନ୍ତି। ରାଜ୍ୟ ସରକାର, ଯାଜପୁର ଜିଲାପାଳ ଓ ବରୀ ବିଡିଓଙ୍କୁ ପକ୍ଷଭୁକ୍ତ କରାଯାଇଛି। ଗ୍ରାମବାସୀଙ୍କ ପକ୍ଷରୁ ମଞ୍ଜୁଲତା ସାହୁ, ମନୋରଞ୍ଜନ ଓଝା, ନଳିନିକାନ୍ତ ପୁହାଣ ଓ ଶିବପ୍ରସାଦ ନାୟକ ପ୍ରମୁଖ ଉକ୍ତ ଅଭିଯୋଗ କରିଛନ୍ତି।

## ବିଦ୍ୟାଳୟ ଛାତ ପଡ଼ିନି, ସେଣ୍ଟ୍ରିଂ ଖୋଲିନେଲେ ଠିକାଦାର

ଚଣ୍ଡିଖୋଲ,୨୩।୭(ଡି.ଏନ.ଏ.)

ବଡ଼ଚଣା ବ୍ଲକ ଅଧୀନ ବରଦା ପ୍ରହ୍ଲାଦ ସରକାରୀ ଉଚ୍ଚ ବିଦ୍ୟାଳୟରେ ନିର୍ମାଣ ହେଉଥିବା ନୂତନ ଗୃହର ଛାତ ପଡ଼ିବା ପୂର୍ବରୁ ସେଣ୍ଟ୍ରିଂକୁ ଠିକାଦାର ଖୋଲି ନେଇଛନ୍ତି। ଫଳରେ ବିଦ୍ୟାଳୟ ଗୃହ ଅଧା ଗଢ଼ା ଅବସ୍ଥାରେ ରହିଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନା ଥାଉକି, ଜାରକା ଗ୍ରାମ୍ୟ ଉନ୍ନୟନ ଡିଭିଜନର ଚଣ୍ଡିଖୋଲ ସବ୍‌ଡିଭିଜନ ଅଧୀନରେ ରାସ୍ତା କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ହେଉଥିବା ନେଇ ଅଭିଯୋଗ ରହିଛି। ଏବେ ଏହି ସବ୍‌ଡିଭିଜନ ଅଧୀନରେ ନିର୍ମାଣ ହେଉଥିବା ବିଦ୍ୟାଳୟ ଗୃହରେ ବ୍ୟାପକ ଅନିୟମିତତା ଦେଖିବାକୁ ମିଳିଛି। ଫନୀ ବାତ୍ୟାରେ ବରଦା ସରକାରୀ ଉଚ୍ଚ ବିଦ୍ୟାଳୟ କ୍ଷତିଗ୍ରସ୍ତ ହୋଇଥିବା ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ଦୁଇଟି ଟେଣ୍ଡର ଆହ୍ୱାନ କରାଯାଇଥିଲା। ୨୦୧୯-୨୦ ଆର୍ଥିକ ବର୍ଷରେ ଦୁଇଟି ଟେଣ୍ଡରରେ ୬ ଲକ୍ଷ ୨୧ହଜାର ୭୬୯ ଟଙ୍କାର କାମ ଦୁଇଜଣ ଠିକାଦାରଙ୍କୁ ଦିଆଯାଇଥିଲା। ବିଦ୍ୟାଳୟର ଦୁଇ ପଟ କାନ୍ଥ ନିର୍ମାଣ କରାଯାଇଥିବା ଗୋଟିଏ ପଟ ପୁରୁଣା କାନ୍ଥକୁ ସଂଲଗ୍ନ କରି କାର୍ଯ୍ୟ ଆରମ୍ଭ ହୋଇଥିଲା। ଏପରି କି ଛାତ ପକାଇବା ପାଇଁ ସେଣ୍ଟ୍ରିଂ ବନ୍ଧା ସାରିଲା ପରେ ରଡ୍ ବିଛା ହୋଇଥିଲା। ଦୀର୍ଘ ଏକ ମାସ ଧରି ସେଣ୍ଟ୍ରିଂ ବନ୍ଧା ହୋଇଥିଲେ ମଧ୍ୟ ଛାତ ପଡ଼ି ନ ଥିଲା। ତେଣୁ ଠିକାଦାର ସେଣ୍ଟ୍ରିଂ ଖୋଲି ନେଇଗଲା ପରେ ଏବେ ରଡ୍ ଝୁଲି ରହିଛି।

ରାଜ୍ୟ ସରକାର ବିଦ୍ୟାଳୟ ଖୋଲିବା ପାଇଁ ତତ୍ପରତା ପ୍ରକାଶ କରୁଥିଲା ବେଳେ ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ଏଭଳି ମନମାନୀ ଯୋଗୁ ଛାତ୍ରୀଛାତ୍ର ଅସୁବିଧାର ସମ୍ମୁଖୀନ ହେବେ। ଏପରି କି ଯେଉଁ ଅବସ୍ଥାରେ ଅଧାଗଢ଼ା ହୋଇ ବିଦ୍ୟାଳୟ ଗୃହଟି ରହିଛି ତାହା ବିପଦପୂର୍ଣ୍ଣ। କେତେବେଳେ କିଛି ବି ଦୁର୍ଘଟଣା ଘଟିବା ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ। ଏହାକୁ ନେଇ ଗ୍ରାମବାସୀ ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା ପାଇଁ ଛାତ୍ରୀଛାତ୍ର ଅସୁବିଧାର ସମ୍ମୁଖୀନ ହେବେ ବୋଲି ଅଭିଯୋଗ କରିଛନ୍ତି। ଏନେଇ ଗ୍ରାମ୍ୟଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ ତୁଳସୀ ପାତ୍ରଙ୍କୁ ପଚାରିବାରେ ସେ କହିଛନ୍ତି, ସେଣ୍ଟ୍ରିଂ ଖୋଲାଯିବା ନେଇ ମୋନ ନିକଟରେ ଖବର ନାହିଁ। ଘଟଣା ସମ୍ପର୍କରେ ଅବଗତ ହେବାପରେ ଯାହା କିଛି ପଦକ୍ଷେପ ନିଆଯିବ।



ଛାତ ପଡ଼ିବାକୁ ଥିବା ଗୃହରୁ ସେଣ୍ଟ୍ରିଂ ଖୋଲାଯାଇଛି।

## ଟାଟା ଷ୍ଟିଲ୍‌ରେ ରୋବୋଟିକ୍ ବ୍ୟବସ୍ଥା

କଳିଙ୍ଗନଗର, ୨୩।୭(ଡି.ଏନ.ଏ.)

କଳିଙ୍ଗନଗର ଟାଟା ଷ୍ଟିଲ୍ କାରଖାନାରେ ୱାଗନ୍ ଟିପ୍‌ଲର୍ ପରିଚାଳନା ଲାଗି ଏକ ନୂଆ ରୋବୋଟିକ୍ ବ୍ୟବସ୍ଥାର ଶୁଭାରମ୍ଭ କରାଯାଇଛି। କାର୍ଯ୍ୟକ୍ଷେତ୍ରରେ ବିପଦ ଆଶଙ୍କା ଦୂର କରିବା ଲାଗି ୱାଗନ୍ ଟିପ୍‌ଲର୍ ପାଇଁ ଏହି ନୂଆ ରୋବୋଟିକ୍ ବ୍ୟବସ୍ଥା କରାଯାଇଛି। ଟାଟା ଷ୍ଟିଲର ସିଇଓ ତଥା ଏମ୍‌ଡି ଟି.ଭି. ନରେନ୍ଦ୍ରନ ଏହି ନୂଆ ବ୍ୟବସ୍ଥାକୁ ଗତ ୨୧ ତାରିଖରେ ଉଦ୍‌ଘାଟନ କରିଥିଲେ। ସେହିପରି ପରିଚାଳନା ବେଳେ ଅନଧିକାର ପ୍ରବେଶ ଉପରେ କଟକଣା ଲଗାଇବା ଲାଗି ଏକ ସ୍ୱତନ୍ତ୍ର ଭାବେ ଡିଜାଇନ୍ କରାଯାଇଥିବା ସ୍ମାର୍ଟ ଫେନ୍‌ସିଂ ସିଷ୍ଟମ୍ ସହ ଅଟୋମେଟେଡ୍ ଗେଟ୍ ଲକିଂ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି। ଏହି ଅବସରରେ ଟାଟା ଷ୍ଟିଲ୍ କଳିଙ୍ଗନଗରର ଉପସଭାପତି (ଅପରେଶନ୍) ରାଜୀବ କୁମାର, କର୍ପୋରେଟ୍ ସେବା ବିଭାଗର ଉପସଭାପତି ଚାଣକ୍ୟ ଚୌଧୁରୀ, ଯୋଗାଣ ଶୃଙ୍ଖଳ ବିଭାଗ ଉପ ସଭାପତି ଦିବ୍ୟେନ୍ଦୁ ବୋଷ, ଯୋଗାଣ ଶୃଙ୍ଖଳ ବିଭାଗ ଉପସଭାପତି (ଡେଜିନେଟ୍) ପୀୟୂଷ ଗୁପ୍ତା, ଟାଟା ଷ୍ଟିଲ୍ ଏଲ୍‌ପିର ପରିଚାଳନା ନିର୍ଦ୍ଦେଶକ ଓ ଅଧକ୍ଷ ଏମ୍‌ଆଣ୍ଡ୍‌ଏସ୍ (ଲଙ୍ଗ୍ ପ୍ରଡକ୍ଟସ୍) ଆଶିଷ ନିରୁପମ ଓ ପିଇଓ ଚୈତନ୍ୟ ଭାନୁ, ଲଜିଷ୍ଟିକ୍ସ ଅପରେଶନ୍ ବିଭାଗ ମୁଖ୍ୟ ସି.ଏଲ୍. କର୍ଣ୍ଣ ପ୍ରମୁଖ ଉପସ୍ଥିତ ଥିଲେ।

## ଗୋପପୁର-ଅଢ଼ମ୍ବରୁ ରାସ୍ତା ଶୋଚନୀୟ



ରାସ୍ତାରେ ସୃଷ୍ଟି ହୋଇଥିବା ଗର୍ତ୍ତ ପଥଚାରୀଙ୍କ ଲାଗି ବିପଦ ସୃଷ୍ଟି କରିଛି।

ଛତିଆ,୨୩।୭(ଡି.ଏନ.ଏ.)

ଯାଜପୁର ଜିଲା ବଡ଼ଚଣା ବ୍ଲକ ଅଧୀନ ନେଳିଆ ପଞ୍ଚାୟତର ଗୋପପୁରରୁ କଟକ ଜିଲାକୁ ସଂଯୋଗ କରୁଥିବା ଗୋପପୁର-ଅଢ଼ମ୍ବରୁ ରାସ୍ତା ଶୋଚନୀୟ ହୋଇପଡ଼ିଛି। ବିଶେଷକରି ଉକ୍ତ ରାସ୍ତାର ସଫେଇ କେନାଲ ପୋଲ ଉଭୟ ପାର୍ଶ୍ୱ ଧସି ପଥଚାରୀଙ୍କ ପାଇଁ ବିପଦ ସୃଷ୍ଟି କରିଛି। ଫଳରେ ଏହି ରାସ୍ତା ଦେଇ ଯାତାୟାତ କରୁଥିବା ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେବେ ସରକାର ରାସ୍ତା ନିର୍ମାଣ ଓ ନବୀକରଣ ପାଇଁ କୋଟିକୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ଉକ୍ତ ରାସ୍ତାର ଦୁରବସ୍ଥା ପ୍ରତି ଦୃଷ୍ଟି ଦେଉ ନ ଥିବାରୁ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ରାସ୍ତାଦେଇ ଗୋପପୁର, ଶୁକଦେଇପୁର, ରାମପୁର, ସାହେବନଗର, ପ୍ରାଣନାଥପୁର, ପଦ୍ମନାଭପୁର, ସପନପୁର, ଅଢ଼ମ୍ବରୁ ମାଗୁରା, ଛତିଆ, ପାଟଣା ଓ ଗୋବିନ୍ଦପୁର ଆଦି ଗ୍ରାମର ଲୋକେ ଯାତାୟାତ ପାଇଁ ନିର୍ଭର କରିଥାନ୍ତି। ତେବେ ଲୋକେ ଏହି ବିପଦସଙ୍କୁଳ ରାସ୍ତାରେ ଯାତାୟାତ କରୁଥିବାରୁ ଅନେକ ସମୟରେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ରାସ୍ତାକୁ ତୁରନ୍ତ ମରାମତି ପାଇଁ ବାରମ୍ବାର ଦାବି କରାଯାଉଥିଲେ ମଧ୍ୟ କେହି କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ ହୋଇଛି। ତେଣୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏ ଦିଗରେ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା

ଯୁବତୀ ଗର୍ଭବତୀ, ଯୁବକ ଫେରାର

ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର,୨୩।୭ (ଡି.ଏନ.ଏ./ସ୍ୱ.ପ୍ର.)

ଜଣେ ଅସହାୟା ଯୁବତୀଙ୍କୁ ବିବାହ ପ୍ରଲୋଭନ ଦେଖାଇ ଯୁବକ ଶାରୀରିକ ସମ୍ପର୍କ ରଖିବା ସହ ତାଙ୍କୁ ଗର୍ଭବତୀ କରାଇଛନ୍ତି। ଏହାପରେ ଯୁବତୀ ବିବାହ କରିବାକୁ ଜିଦ୍ କରିବାରୁ ସମ୍ପୃକ୍ତ ଯୁବକ ତାଙ୍କୁ ଛାଡ଼ି ଫେରାର ହୋଇ ଯାଇଛନ୍ତି। ଶେଷରେ ଯୁବତୀ ନିରାଶ ହୋଇ ଶୁକ୍ରବାର ବାଲିଚନ୍ଦ୍ରପୁର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ନଂ.୨୧୪/୨୧ ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁସାରେ, ଏହି ଥାନା ଅନ୍ତର୍ଗତ ନଳୀପୁର ଗ୍ରାମର ସାଦତ୍ ଖାଁ ଅଞ୍ଚଳର ଜଣେ ଯୁବତୀଙ୍କୁ ଭଲ ପାଉଥିଲେ। ଏହାପରେ ଯୁବତୀଙ୍କୁ ବିବାହ କରିବାର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ସ୍ଥାପନ କରିଥିଲେ। ଫଳରେ ଯୁବତୀ ଗର୍ଭବତୀ ହୋଇଥିଲେ। ତେଣୁ ସେ ବିବାହ କରିବାକୁ ସାଦତ୍‌ଙ୍କୁ କହିଥିଲେ। ଏକଥା ଜଣାପଡ଼ିବା ପରେ ସାଦତ୍‌ଙ୍କ ବଡ଼ଭାଇ ରିୟାଜତ୍ ଖାଁ ଘଟଣାର ସମାଧାନ ପାଇଁ ବାରମ୍ବାର କହି ସମୟ ଗଡାଇ ଚାଲିଥିଲେ। ଶେଷରେ କୌଣସି ସମାଧାନ ନ ହେବାରୁ ଯୁବତୀ ୬ ମାସର ଗର୍ଭବତୀ ଥିବା ଥାନାରେ ଅଭିଯୋଗ କରିଛନ୍ତି।

## ନାବାଳିକା ଅପହରଣ ମାମଲାରେ ଯୁବକ ଗିରଫ

କଳିଙ୍ଗନଗର,୨୩।୭(ଡି.ଏନ.ଏ.)

ନାବାଳିକା ଅପହରଣ ମାମଲାରେ କଳିଙ୍ଗନଗର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏଥିସହିତ ଅପହୃତା ନାବାଳିକାଙ୍କୁ ଉଦ୍ଧାର କରିବାରେ ସକ୍ଷମ ହୋଇଛି। ତେବେ ନାବାଳିକା ତାଙ୍କ ଘରକୁ ଫେରିବାକୁ ରାଜି ନ ହେବାରୁ ତାଙ୍କୁ ଯାଜପୁରସ୍ଥିତ ସ୍ୱଧାର ଗୃହକୁ ପଠାଯାଇଛି। ଗିରଫ ଯୁବକ ହେଲେ ଏହି ଥାନା ଅଧୀନ ସାରଙ୍ଗପୁର ପଞ୍ଚାୟତ ନୀଳାଚଳ କଲୋନୀର ରାବଣ ବାନରା(୨୧)। ରାବଣ ପୂର୍ବରୁ ବିବାହିତ ଏବଂ ତାଙ୍କର ଏକ କନ୍ୟା ସନ୍ତାନ ରହିଛି। ସେ ଗତ ୧୯ ତାରିଖ ରାତିରେ ଥାନା ଅଞ୍ଚଳର ସମ୍ପୃକ୍ତ ନାବାଳିକାଙ୍କୁ ଅପହରଣ କରି ନେଇ ତାଙ୍କ ଘରେ ଲୁଚାଇ ରଖି ଅନ୍ୟତ୍ର ନେଇଯିବାକୁ ଯୋଜନା କରୁଥିଲେ। ଏନେଇ ନାବାଳିକାଙ୍କ ମା' ୨୦ ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୧୭୧/୨୧ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା ବୋଲି ଥାନାଧିକାରୀ ସୁଶାନ୍ତ କୁମାର ଦାସ ସୂଚନା ଦେଇଛନ୍ତି।

## ୨୦୨୩ ସୁଦ୍ଧା କାର୍ଯ୍ୟକ୍ଷମ ହେବ ଇଫ୍‌କୋ ସଲ୍‌ଫ୍ୟୁରିକ୍ ଏସିଡ୍ ପ୍ଲାଣ୍ଟ



ଶିଳାନ୍ୟାସ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

- ଦୈନିକ ୨ ହଜାର ମେଟ୍ରିକ ଟନ୍ ଉତ୍ପାଦନ ହେବ
- ୪୦୦ କୋଟି ଟଙ୍କା ବ୍ୟୟ ବରାଦ

ପାରାଦୀପ,୨୩।୭(ସ୍ୱ.ପ୍ର.)

ପାରାଦୀପରେ ଥିବା ଇଫ୍‌କୋ ସାର କାରଖାନାର ସମ୍ପ୍ରସାରଣ ହେବ। ଏଠାରେ ଦୈନିକ ୨ ହଜାର ମେଟ୍ରିକ ଟନ୍ ବିଶିଷ୍ଟ ନୂତନ ସଲ୍‌ଫ୍ୟୁରିକ୍ ଏସିଡ୍ ପ୍ଲାଣ୍ଟ ନିର୍ମାଣ କରାଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମାଧ୍ୟମରେ ଏହାର ଶିଳାନ୍ୟାସ କରିଛନ୍ତି। କାର୍ଯ୍ୟକ୍ରମରେ ଇଫ୍‌କୋ ନିର୍ଦ୍ଦେଶକ ଉଦୟଶଙ୍କର ଅଗସ୍ତି ଓ ପ୍ଲାଣ୍ଟ ପାଖରେ କମ୍ପାନୀର ପାରାଦୀପ ୟୁନିଟ୍ ମୁଖ୍ୟ କେ.ଜେ ପଟେଲ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ। ଆଧୁନିକ ଜ୍ଞାନକୌଶଳଯୁକ୍ତ ଏହି ସଲ୍‌ଫ୍ୟୁରିକ୍ ପ୍ଲାଣ୍ଟକୁ ୨୦୨୩ ସୁଦ୍ଧା କାର୍ଯ୍ୟକ୍ଷମ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଏଥିପାଇଁ ଇଫ୍‌କୋ ପକ୍ଷରୁ ୪୦୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି।

## ଅନ୍ୟତ୍ର ବୁହାଗଲା ବିପୁଳ ଏକ୍ସପାଏରି ମେଡିସିନ

**ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର**

କଳିଙ୍ଗନଗର,୨୩।୭(ଡି.ଏନ.ଏ.)

ଯାଜପୁର ଜିଲା ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ୧୧ଟି ଗୋଦାମ ଗୃହରେ ବିପୁଳ ସରକାରୀ ଔଷଧ ମହଜୁଦ ରହିଛି। ଦାୟିତ୍ୱରେ ରହିଥିବା ଅଧିକାରୀଙ୍କ ଏଠାରୁ ବଦଳି ନିର୍ଦ୍ଦେଶ ହୋଇଛି। ଏହାପରେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ଏକ୍ସପାଏରି ଔଷଧକୁ ରାତିଅଧିଆ ଅନ୍ୟତ୍ର ଲୁଚାଇବାକୁ ପ୍ରୟାସ ଚାଲିଛି। ଜଣେ ଡାକ୍ତରଙ୍କ ବିଭିନ୍ନ ଔଷଧ କମ୍ପାନୀ ପ୍ରୀତି ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

ଗରିବ ଲୋକଙ୍କୁ ଔଷଧ ଯୋଗାଇବା ପାଇଁ ସରକାର ନିରାମୟ ଯୋଜନା ବ୍ୟବସ୍ଥା କରିଥିଲେ ବି ଏହା ପଛରେ ଏକ ବଡ଼ ର୍‍ୟାକେଟ କାମ କରୁଥିବା ଅଭିଯୋଗ ହେଉଛି। ଏଥିରେ ସ୍ୱାସ୍ଥ୍ୟ ବିଭାଗର ଉପରିସ୍ଥ ଅଧିକାରୀଙ୍କ ଭୂମିକା ସନ୍ଦେହ ପରିସରକୁ ଆସୁଛି। ଯାଜପୁର ଜିଲା ସଦର ଡାକ୍ତରଖାନା ସମେତ ଜିଲାର ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବେସରକାରୀ ଔଷଧ ଦୋକାନ ଖୋଲାଯାଇ ବିଭିନ୍ନ କମ୍ପାନୀର ଔଷଧ ଚଢ଼ାଦରରେ ଲୋକଙ୍କୁ ବିକ୍ରି କରାଯାଉଛି। ଏଥିରେ କେତେଜଣ ଡାକ୍ତରଙ୍କ ସହଯୋଗ ରହିଛି। ଦାନଗଦି ଡାକ୍ତରଖାନା କଥା ଦେଖିଲେ, ଏଠାରେ ଦୀର୍ଘ ୨୦ ବର୍ଷ ଧରି ସରକାରୀ ଔଷଧ ଗୋଦାମ ଗୃହ ଦାୟିତ୍ୱରେ ରହିଥିବା ପ୍ରକାଶ ଚନ୍ଦ୍ର ମିଶ୍ରଙ୍କ ଯଖପୁରା ପ୍ରାଥମିକ ଡାକ୍ତରଖାନାକୁ ବଦଳି ହୋଇଛି। ହେଲେ ଗୁରୁବାର ରାତିରେ ଗୋଦାମ ଗୃହରୁ ବିପୁଳ ପରିମାଣର ଏକ୍ସପାଏରି ସରକାରୀ ଔଷଧ ରୋଗୀବୁହା ଷ୍ଟ୍ରେଚରରେ ଅନ୍ୟତ୍ର ନିଆଯାଉଥିବା ସ୍ଥାନୀୟ ଲୋକେ ଦେଖି ଗଣମାଧ୍ୟମ ପ୍ରତିନିଧିଙ୍କୁ ଖବର ଦେଇଥିଲେ। ଏହାପରେ ଦାନଗଦି ଅଞ୍ଚଳରେ ଏହାକୁ ନେଇ ବିଭିନ୍ନ ଆଲୋଚନା ହେଉଛି।

ବହୁଳ ଭାବେ ବ୍ୟବହୃତ ଔଷଧଗୁଡ଼ିକୁ ଦେଶର ଅଗ୍ରଣୀ ଔଷଧ ନିର୍ମାତାମାନେ ଉତ୍ପାଦନ ମୂଲ୍ୟଠାରୁ ୧୦ ଗୁଣ ଅଧିକ ମୂଲ୍ୟରେ ବିକ୍ରି କରୁଛନ୍ତି। ଏଥିପାଇଁ କମ୍ପାନୀଗୁଡିକ ଡାକ୍ତରମାନଙ୍କୁ ଦାମୀ ଉପହାର ଦେଇ ତାଙ୍କ ଔଷଧ ଲେଖିବାକୁ ପ୍ରବର୍ତ୍ତାଉଛନ୍ତି। ଡାକ୍ତରମାନେ ମଧ୍ୟ ବିଭିନ୍ନ ଔଷଧ କମ୍ପାନୀର ବୋଲକରା ସାଜୁଛନ୍ତି। ଏଭଳିସ୍ଥିତିରେ ନିରାମୟ ଯୋଜନାରେ ଆସୁଥିବା ବହୁ ମୂଲ୍ୟବାନ ଔଷଧ ପଡ଼ିରହୁଛି। ଏ ସଂକ୍ରାନ୍ତରେ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ମଳୟ ପ୍ରଧାନଙ୍କୁ ପଚାରିବାରେ ସେ କହିଛନ୍ତି, ୧୧ଟି ଗୋଦାମ ଗୃହରେ ମେଡିସିନ ଭର୍ତ୍ତି ରହିଥିବାରୁ ସେଗୁଡ଼ିକୁ ଖାଲି କରିବାକୁ ନିର୍ଦ୍ଦେଶ ଦେଇଥିଲି। ତେବେ ରାତିଅଧିଆ କ'ଣ ହୋଇଛି ସେ ନେଇ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ।



ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ଏକ୍ସପାଏରି ଔଷଧ।

## ସଂକ୍ଷେପରେ

### ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ଆର୍ଥିକ ଫଳାଫଳ

**ମୁମ୍ବାଇ, ୨୩।୭:** ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ପକ୍ଷରୁ ଚଳିତ ଆର୍ଥିକ ବର୍ଷ ପ୍ରଥମ ତ୍ରୈମାସ ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। କମ୍ପାନୀର ଲାଭ ୭.୫% ହ୍ରାସ ଘଟି ୧୨,୨୭୩ କୋଟି ଟଙ୍କା ରହିଛି। କରୋନାର ଦ୍ୱିତୀୟ ଲହର ପ୍ରଭାବ ଏହାର ରିଟେଲ ବିଜ୍‌ନେସ ଉପରେ ପଡ଼ିଛି। ଗତ ବର୍ଷ ସମାନ ଅବଧିରେ କମ୍ପାନୀର ମୋଟ ଲାଭ ୧୩,୨୩୩ କୋଟି ଟଙ୍କା ରହିଥିଲା। ମୋଟ ଖର୍ଚ୍ଚ ୫୦% ବଢ଼ି ୧.୩୧ ଲକ୍ଷ କୋଟି ଏବଂ ଟିକସଜନିତ ଖର୍ଚ୍ଚ ୩୪୬୪ କୋଟି ଟଙ୍କାକୁ ବୃଦ୍ଧି ଘଟିଛି। କମ୍ପାନୀର ପରିଚାଳନାଗତ ରାଜସ୍ୱ ୧.୪୪ ଲକ୍ଷ କୋଟି ଟଙ୍କାକୁ ବଢ଼ିଛି। ଏହା ଗତ ବର୍ଷ ସମାନ ସମୟରେ ୯୧,୨୩୮ କୋଟି ଟଙ୍କା ରହିଥିଲା। ରିଲାଏନ୍ସ ଜିଓର ଲାଭ ପ୍ରାୟ ୪୫% ୩୬୫୧ କୋଟି ଟଙ୍କାକୁ ବଢ଼ିଛି। ଏହା ଗତବର୍ଷ ୨୫୧୯ କୋଟି ଟଙ୍କା ଥିଲା। ଏହାର ଅଏଲ-ଟୁ-କେମିକାଲ ବିଜ୍‌ନେସର ରାଜସ୍ୱ ୭୦% ବଢ଼ିଥିବା ଜଣାପଡ଼ିଛି। ଅଏଲ-ଟୁ-କେମିକାଲ ବାଣିଜ୍ୟର ରାଜସ୍ୱ ବେଶ୍ ଦୃଢ଼ ରହିଥିବା ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ଅଧ୍ୟକ୍ଷ ମୁକେଶ ଅମ୍ବାନୀ କହିଛନ୍ତି।

### ସ୍ପେଶାଲିଟି ଷ୍ଟିଲ୍‌ରେ ପିଏଲ୍‌ଆଇ ଯୋଜନାକୁ ସ୍ୱାଗତ

**ନୂଆଦିଲ୍ଲୀ, ୨୩।୭:** ସ୍ପେଶାଲିଟି ଷ୍ଟିଲ୍ କ୍ଷେତ୍ରରେ ପ୍ରଡକ୍ସନ ଲିଙ୍କ୍‌ଡ ଇନ୍‌ସେନ୍‌ଟିଭ୍ (ପିଏଲ୍‌ଆଇ) ଯୋଜନାକୁ କେନ୍ଦ୍ର କ୍ୟାବିନେଟ ଗୁରୁବାର ଅନୁମୋଦନ ପ୍ରଦାନ କରିଛି। ଏହି ନିଷ୍ପତ୍ତିକୁ ଆର୍ସେଲର ମିତ୍ତଲ ଆଣ୍ଡ ନିପନ ଷ୍ଟିଲ୍ ଇଣ୍ଡିଆ ପକ୍ଷରୁ ସ୍ୱାଗତ କରାଯାଇଛି। କମ୍ପାନୀର ସିଇଓ ତଥା ଭାରତୀୟ ଷ୍ଟିଲ୍ ଆସୋସିଏଶନର ସଭାପତି ଦିଲୀପ ଓମେନ କହିଛନ୍ତି, ଏହିପରି ଏକ କଠିନ ସମୟରେ ଇସ୍ପାତ ଶିଳ୍ପ ସ୍ଥିରତା ପ୍ରଦର୍ଶନ କରିଛି। ଏହି ନିଷ୍ପତ୍ତି କେବଳ ଇସ୍ପାତ କ୍ଷେତ୍ର ପାଇଁ ନୁହେଁ ବରଂ ସାମଗ୍ରିକ ଭିତ୍ତିଭୂମିର ବିକାଶ ନିମନ୍ତେ ଏକ ଦୀର୍ଘ ମିଆଦୀ ରାସ୍ତା ପ୍ରସ୍ତୁତ କରିବା ସହ ଏହା ଦେଶକୁ ବିଶ୍ୱ ଶିଳ୍ପ କ୍ଷେତ୍ରରେ ସର୍ବଶ୍ରେଷ୍ଠ ସ୍ତରକୁ ଆଣିବାରେ ସାହାଯ୍ୟ କରିବ।

# 'ଆଗକୁ ରାସ୍ତା ଆହୁରି କଠିନ'

## ଅର୍ଥନୈତିକ ସଂସ୍କାରକୁ ୩୦ ବର୍ଷ

ନୂଆଦିଲ୍ଲୀ, ୨୩।୭

୧୯୯୧ରେ ଦେଶର ଆର୍ଥିକ ସ୍ଥିତି ବିଗିଡ଼ିଯାଇଥିଲା। ପି.ଭି.ନରସିଂହ ରାଓ ସରକାରଙ୍କ ସମୟରେ ଲାଗୁ ହୋଇଥିବା ଆର୍ଥିକ ସଂସ୍କାର ଯୋଗୁ ଦେଶ ଏକ ବିରାଟ ବିପଦରୁ ରକ୍ଷା ପାଇଯାଇଥିଲା। ଆର୍ଥିକ ସଂସ୍କାର କାର୍ଯ୍ୟକାରୀ ହେବାକୁ ବର୍ତ୍ତମାନ ୩ ଦଶନ୍ଧି ପୂରଣ ହୋଇଛି। ସେହି ସମୟରେ ଦେଶର ଅର୍ଥ ବ୍ୟବସ୍ଥାକୁ ନୂଆ ଦିଗନ୍ତ ଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ତତ୍କାଳୀନ ଅର୍ଥମନ୍ତ୍ରୀ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ଶୁକ୍ରବାର କହିଛନ୍ତି, ଭାରତ ଲାଗି ଆଗାମୀ ଦିନରେ ରାସ୍ତା ଆହୁରି କଠିନ ହେବାକୁ ଯାଉଛି। ଗତ ୩ ଦଶନ୍ଧିରେ କେନ୍ଦ୍ରରେ ଶାସନ କରିଥିବା ସରକାରଗୁଡ଼ିକ ଆର୍ଥିକ ସଂସ୍କାରର ରାସ୍ତା ଆପଣାଇଥିବାରୁ ଏହା ଭାରତକୁ ଏକ ନୂଆ ପରିଚୟ ଦେଇଛି। ଭାରତ ୩ ଟ୍ରିଲିୟନ ଡଲାର ଅର୍ଥ ବ୍ୟବସ୍ଥା ହେବା ସହ ବିଶ୍ୱର ପ୍ରମୁଖ ଅର୍ଥବ୍ୟବସ୍ଥା ମଧ୍ୟରେ ନିଜ ସ୍ଥାନ ବଜାୟ ରଖିପାରିଛି। ମାତ୍ର ଆଗକୁ ଆହୁରି କଠିନ ପଥ ଅତିକ୍ରାନ୍ତ କରିବାକୁ ପଡିବ ବୋଲି ସିଂ କହିଛନ୍ତି।

ସେ ପୁଣି କହିଛନ୍ତି, ବର୍ତ୍ତମାନର ସମୟ ଖୁସି ହେବାର ନୁହେଁ, ବଂର ଆତ୍ମ ସମୀକ୍ଷା କରିବାକୁ ହେବ। ପ୍ରତି ଭାରତୀୟଙ୍କୁ ସୁସ୍ଥ ଏବଂ ସମ୍ମାନଜନକ ଭାବେ ଜୀବନ ଜିଇବାର ସୁଯୋଗ ଦେବା


ମନମୋହନ ସିଂ

ନେଇ ଆମକୁ ଗୁରୁତ୍ୱର ସହ ଗ୍ରହଣ କରିବାକୁ ପଡିବ। ସେହି ସମୟରେ ଗ୍ରହଣ କରାଯାଇଥିବା ଉଦାରୀକରଣ ପଦକ୍ଷେପ ଯୋଗୁ ୩୦ କୋଟି ଭାରତୀୟ ଦାରିଦ୍ର୍ୟର କରାଳ କାୟାରୁ ବାହାରକୁ ଆସିବାକୁ ସକ୍ଷମ ହୋଇଛନ୍ତି। ନିୟୁତାଧିକ ଯୁବବର୍ଗଙ୍କ ଲାଗି ନୂଆ କର୍ମସଂସ୍ଥାନ ଭାରତ ଯୋଗାଇ ପାରିଛି। କମ୍ପାନୀଗୁଡ଼ିକ ମୁକ୍ତ ହେବା ଯୋଗୁ ବିଶ୍ୱସ୍ତରରେ ନିଜର ପରିଚୟ ସୃଷ୍ଟି କରିପାରିଛନ୍ତି। ବିଭିନ୍ନ କ୍ଷେତ୍ରରେ ଗ୍ଲୋବାଲ ପାୱାର ଭାବେ ଭାରତୀୟ ଏଣ୍ଟରପ୍ରାଇଜଗୁଡ଼ିକ ମୁଣ୍ଡ ଟେକୁଥିବା ସେ ମତ ପ୍ରକାଶ କରିଛନ୍ତି। କୋଭିଡ୍ ମହାମାରୀ ଘଟାଇଥିବା କ୍ଷତିକୁ ନେଇ ସେ ଦୁଃଖ ପ୍ରକାଶ କରିଛନ୍ତି। ଏହା ଯୋଗୁ ବୃହତ୍ ସଂଖ୍ୟାରେ ଲୋକମାନେ ନିଯୁକ୍ତି ହରାଇଛନ୍ତି। ସ୍ୱାସ୍ଥ୍ୟ ଏବଂ ଶିକ୍ଷା କ୍ଷେତ୍ରକୁ କରୋନା ଗଭୀର ଭାବେ କ୍ଷତି ପହଞ୍ଚାଇଛି। କରୋନାରେ ଅନେକ ଲୋକଙ୍କ ଜୀବନ ଚାଲିଯାଇଛି। ଦେଶ ଲାଗି ସଂସ୍କାର ପ୍ରକ୍ରିୟାରେ ଯୋଗଦାନ ରଖି ଅତ୍ୟନ୍ତ ଖୁସି। ଏଥିଲାଗି କଂଗ୍ରେସରେ ତାଙ୍କ ଅନେକ ସାଥୀ ମିଳିତ ହୋଇ କାମ କରିଥିବା ସେ ମତ ପ୍ରକାଶ କରିଛନ୍ତି।

### ୧୯୯୧ର ବାଲାନ୍ସ ଅଫ୍ ପେମେଣ୍ଟ ସମସ୍ୟା

୧୯୯୧ ବେଳକୁ ଭାରତ ବାଲାନ୍ସ ଅଫ୍ ପେମେଣ୍ଟ ଭଳି ଆର୍ଥିକ ସଙ୍କଟ ସ୍ଥିତିକୁ ଚାଲିଯାଇଥିଲା। ଆର୍‌ବିଆଇ ବିଦେଶୀ ମୁଦ୍ରାଭଣ୍ଡାରର ନିର୍ଦ୍ଧାରିତ ବିନିମୟ ହାରକୁ ପରିଚାଳନା କରିବାରେ ବିଫଳ ହୋଇଥିଲା। ମୋଟାମୋଟି ଭାବେ କହିବାକୁ ଗଲେ ଏହାକୁ ଏକ ମୁଦ୍ରାଗତ ସଙ୍କଟ ବୋଲି ଅଭିହିତ କରାଯାଇଥାଏ। ପି.ଭି.ନରସିଂହରାଓଙ୍କ ନେତୃତ୍ୱାଧୀନ ସରକାର ଅର୍ଥ ବ୍ୟବସ୍ଥାକୁ ଛିଡ଼ା କରିବା ଲାଗି ବିଭିନ୍ନ ସଂସ୍କାର ପ୍ରକ୍ରିୟା ଗ୍ରହଣ କରିଥିଲେ। ଉଦାରୀକରଣ, ଘରୋଇକରଣ ଏବଂ ଜଗତୀକରଣ ଭଳି ନୀତି ଏହି ସମୟରେ ଲାଗୁ ହେଲା। ଫଳରେ ଭାରତକୁ ବିଦେଶୀ ପୁଞ୍ଜି ଆଗମନ ବଢ଼ିଲା। ଶିଳ୍ପ କ୍ଷେତ୍ରର ସମସ୍ୟା ସମାଧାନ, ବ୍ୟାଙ୍କିଙ୍ଗ୍ ଏବଂ ଫାଇନାନ୍ସ ମାର୍କେଟ ସଂସ୍କାର ଯୋଗୁ ଅର୍ଥ ବ୍ୟବସ୍ଥା ଅଭିବୃଦ୍ଧିକୁ ପଥକୁ ଆସିଥିଲା। ପରବର୍ତ୍ତୀ ସମୟରେ ଆସିଥିବା ସରକାର ବିଭିନ୍ନ ନୀତିଗତ ପଦକ୍ଷେପ ଦ୍ୱାରା ଅର୍ଥ ବ୍ୟବସ୍ଥାକୁ ପ୍ରତିଦ୍ୱନ୍ଦ୍ୱୀ କରାଇଥିଲେ। ଫଳରେ ଲୋକଙ୍କ ଜୀବନଧାରଣ ମାନରେ ଉନ୍ନତି ଆସିଥିଲା।

### କରୋନା ଯୋଗୁ ଜିଡିପି ନକାରାତ୍ମକ

କରୋନା ଯୋଗୁ ୨୦୨୦-୨୧ ଆର୍ଥିକ ବର୍ଷରେ ଭାରତର ମୋଟ ଘରୋଇ ଉତ୍ପାଦ(ଜିଡିପି) -୭ ରହିଛି। ଗତ ୪୧ ବର୍ଷ ମଧ୍ୟରେ ଅର୍ଥ ବ୍ୟବସ୍ଥାରେ ଏହା ସବୁଠାରୁ ଖରାପ ସ୍ତର। ୨୦୧୯-୨୦ରେ ଜିଡିପି ୪%କୁ ଖସିଥିଲା। ଏହା ୧୧ ବର୍ଷର ସର୍ବନିମ୍ନ ସ୍ତର। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାର ମହାମାରୀ କବଳିତ ଅର୍ଥ ବ୍ୟବସ୍ଥାକୁ ପୁଣି ଥରେ ଛିଡ଼ା କରିବା ଲାଗି ବିଭିନ୍ନ ସଂସ୍କାର ପ୍ରକ୍ରିୟା ଗ୍ରହଣ କରୁଛନ୍ତି। ଚଳିତ ଆର୍ଥିକ ବର୍ଷ ଦ୍ୱିତୀୟାର୍ଦ୍ଧରେ ଅର୍ଥ ବ୍ୟବସ୍ଥା ସୁଧାର ପଥକୁ ଫେରିବ ବୋଲି ଅର୍ଥନୀତିଜ୍ଞମାନେ ମତ ପ୍ରକାଶ କରିଛନ୍ତି।

### ଏନ୍‌ଡିଏ ସରକାରଙ୍କ ସଂସ୍କାର ପ୍ରକ୍ରିୟା

୨୦୧୪ରେ ଏନ୍‌ଡିଏ ସରକାର ଆସିବା ପରେ ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି) ଏବଂ ଇନ୍‌ସଲଭେନ୍ସି ଆଣ୍ଡ ବ୍ୟାଙ୍କ୍ରପ୍ସି କୋଡ୍ ଭଳି ପ୍ରମୁଖ ସଂସ୍କାର ପ୍ରକ୍ରିୟା ଗ୍ରହଣ କରୁଛନ୍ତି।

### ସ୍ୱାସ୍ଥ୍ୟ, ଶିକ୍ଷା କ୍ଷେତ୍ର ଏବେବି ପଛୁଆ

ଉଦାରୀକରଣ ପରେ ଦେଶ କେତେ ଆଗକୁ ଯାଇଛି ସେ ନେଇ ବିଭିନ୍ନ ସମୟରେ ଆଲୋଚନା ପର୍ଯ୍ୟାଲୋଚନା ହୋଇଥାଏ। ବିଗତ ଦିନଗୁଡ଼ିକରେ ଭାରତର ଅଭିବୃଦ୍ଧି ଧାରା ବେଶ୍ ଉନ୍ନତ ରହିଛି। ବ୍ୟବସାୟ କ୍ଷେତ୍ରରେ ମଧ୍ୟ ଉନ୍ନତି ଦେଖାଯାଇଛି। ଲୋକମାନେ ବିକାଶ ପ୍ରକ୍ରିୟାରେ ସାମିଲ ହୋଇଛନ୍ତି। ମାତ୍ର ସ୍ୱାସ୍ଥ୍ୟ ଏବଂ ଶିକ୍ଷା ଭଳି କ୍ଷେତ୍ର ଏବେ ମଧ୍ୟ ପଛରେ ରହିଛି। ଏହି କ୍ଷେତ୍ରରେ ନିବେଶ ସହ ଏହାକୁ ଅଗ୍ରାଧିକାର ଦେବାର ଆବଶ୍ୟକତା ରହିଛି।

### ଟେଲିକମ୍ କମ୍ପାନୀଙ୍କ ଆବେଦନ ଖାରଜ

**ନୂଆଦିଲ୍ଲୀ, ୨୩।୭:** ଆଡଜଷ୍ଟେଡ୍ ଗ୍ରସ୍ ରେଭେନ୍ୟୁ (ଏଜିଆର୍) ମାମଲାରେ ଦେଶର ଟେଲିକମ କମ୍ପାନୀଗୁଡ଼ିକ କମ୍ପ୍ୟୁଟିଂ ନେଇ ସୁପ୍ରିମକୋର୍ଟ କରିଥିବା ଆବେଦନ ଖାରଜ ହୋଇଯାଇଛି। ଟେଲିକମ୍ୟୁନିକେଶନ ବିଭାଗ ଦେଇଥିବା ଟିକସ ବକେୟାକୁ ପୁଣି ଥରେ ହିସାବ କରିବାକୁ ନେଇ କମ୍ପାନୀଗୁଡ଼ିକ ସର୍ବୋଚ୍ଚ ଅଦାଲତଙ୍କୁ ନିବେଦନ କରିଥିଲେ। ଏହା ଅଗ୍ରାହ୍ୟ ହେବାରୁ କମ୍ପାନୀଗୁଡ଼ିକର ଶେୟାର କାରବାର ଶୁକ୍ରବାର ପ୍ରାୟ ୧୫% ଖସିଥିବା ଜଣାପଡ଼ିଛି। ଏହାଦ୍ୱାରା ଭୋଡାଫୋନ ଆଇଡିଆ ଏବଂ ଏୟାରଟେଲର ଶେୟାର ପ୍ରଭାବିତ ହୋଇଥିବା ଜଣାପଡ଼ିଛି। ଭୋଡାଫୋନ ଆଇଡିଆର ଶେୟାର ୫୨ ସପ୍ତାହ ନିମ୍ନକୁ ଖସିଥିବା ଜଣାପଡ଼ିଛି। ସେହିଭଳି ଭାରତୀ ଏୟାରଟେଲ ଏହା ଦ୍ୱାରା କିଛିଟା କ୍ଷତିଗ୍ରସ୍ତ ହୋଇଛି।

# ଓଡ଼ିଶାରୁ ୧୦,୧୫୧ କୋଟିର ଆୟକର ଆଦାୟ

ଭୁବନେଶ୍ୱର, ୨୩।୭

ଦେଶରେ ଆୟକର ସଂଗ୍ରହ ଲଗାତର ଭାବେ ବୃଦ୍ଧି ପାଇବାରେ ଲାଗିଛି। ଅର୍ଥନୈତିକ ଅଭିବୃଦ୍ଧି ଲାଗି ଏହା ଯୋଗଦାନ ରଖୁଛି। କୋଭିଡ୍ ମହାମାରୀ ଯୋଗୁ ଦେଶର ଅର୍ଥନୀତି ସଙ୍କଟରେ ରହିଥିବା ବେଳେ ପ୍ରତ୍ୟକ୍ଷ ଟିକସ ଆଦାୟ ଗଭୀର ଭାବେ ପ୍ରଭାବିତ ହୋଇଛି। ପୂର୍ବ ବର୍ଷମାନଙ୍କରେ କର ସଂଗ୍ରହରେ ଯେଉଁ ବୃଦ୍ଧି ଦେଖା ଦେଇଥିଲା, ତାହା ଗତ ଦୁଇ ବର୍ଷରେ ବ୍ୟାପକ ଭାବେ ହ୍ରାସ ପାଇଛି। ୨୦୨୦-୨୧ରେ ଓଡ଼ିଶା ଆୟକର ଜୋନ ମୋଟ ୧୦,୧୫୧ କୋଟି ଟଙ୍କାର ଟିକସ ଆଦାୟ କରିବାକୁ ସକ୍ଷମ ହୋଇଛି। ଏହି ଅବଧିରେ ୧୦,୧୦୦ କୋଟି ଟିକସ ଆଦାୟ କରିବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ଏହାଠାରୁ ଅଧିକ ୫୧ କୋଟି ଟଙ୍କା ଆଦାୟ କରାଯାଇଛି। ୨୦୧୯-୨୦ରେ ରାଜ୍ୟରୁ ୧୩,୪୧୩ କୋଟି ଟଙ୍କାର ଆୟକର ଆଦାୟ ହୋଇଥିଲା। ୨୦୧୮-୧୯ରେ ୧୩,୧୦୪ କୋଟି ଟଙ୍କାର ପ୍ରତ୍ୟକ୍ଷ ଟିକସ ସଂଗ୍ରହ କରାଯାଇଛି। ସେହିଭଳି ଚଳିତ ଆର୍ଥିକ ବର୍ଷରେ ୧୨,୨୩୮ କୋଟି ଟଙ୍କାର ଟିକସ ଆଦାୟ ନେଇ ଲକ୍ଷ୍ୟ ରଖାଯାଇଛି ବୋଲି ଓଡ଼ିଶା ଆୟକର ଜୋନ୍‌ର ବରିଷ୍ଠ ଅଧିକାରୀ ସରୋଜ ମହାପାତ୍ର ଶୁକ୍ରବାର ସୂଚନା ଦେଇଛନ୍ତି। ରାଜ୍ୟରେ ଆୟକର ରିଟର୍ନ ଦାଖଲକାରୀଙ୍କ ସଂଖ୍ୟା ବୃଦ୍ଧି ପାଉଛି। ବର୍ତ୍ତମାନ ଓଡ଼ିଶାରେ ୧୩,୩୩,୯୫୯ ଆୟକରଦାତା ରହିଛନ୍ତି। କରୋନା କଟକଣାକୁ ନଜରରେ ରଖି ଶନିବାର ଆୟକର ଦିବସ ପାଳନ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

ଗତ ଆର୍ଥିକ ବର୍ଷ ୨୦୧୯-୨୦ରେ ଦେଶରେ ମୋଟ ପ୍ରତ୍ୟକ୍ଷ କର ସଂଗ୍ରହର ପରିମାଣ ୧୨,୩୩,୭୨୦ କୋଟିରେ ପହଞ୍ଚିଥିଲା। ସେହିଭଳି ୨୦୨୦-୨୧ରେ ଏହା ହ୍ରାସ ପାଇ ୯,୨୫,୦୦୦ କୋଟି ଟଙ୍କା ରହିଛି। ଟିକସ ସଂଗ୍ରହ ଲକ୍ଷ୍ୟ ୯,୦୫,୦୦୦ କୋଟିଠାରୁ ଆଦାୟ ଅଧିକ ରହିଲେ ପୂର୍ବ ବର୍ଷ ଆଦାୟ ତୁଳନାରେ ଏହା ସଂଗ୍ରହ କମିଛି।

# କାର୍ ଜିତି ପାରିବେ ରୁଚି ଗ୍ରାହକ

ଭୁବନେଶ୍ୱର, ୨୩।୭

ଲୋକପ୍ରିୟ ମସଲା ବ୍ରାଣ୍ଡ ରୁଚି ମସଲା ଉଦ୍ୟୋଗ ପକ୍ଷରୁ ଏହାର ଗ୍ରାହକଙ୍କ ଲାଗି ଆକର୍ଷଣୀୟ ଉପହାର ଯୋଜନା ସମ୍ପର୍କରେ ଘୋଷଣା କରାଯାଇଛି। ଏହାଦ୍ୱାରା କମ୍ପାନୀ ତା'ର ଗ୍ରାହକଙ୍କୁ କାର୍ ସମେତ ସୁନା ଏବଂ ରୁପାମୁଦ୍ରା ଜିତିବାର ସୁଯୋଗ ଦେଉଛି। ଜୁଲାଇରୁ ଅକ୍ଟୋବର ମଧ୍ୟରେ ଫେଷ୍ଟିଭାଲ ବୋନାଞ୍ଜା ଅଫର ଜରିଆରେ ୫୦ ଏବଂ ୧୦୦ ଗ୍ରାମ ରୁଚି କରି ପାଉଡର,ଚିକେନ ମସଲା, ମିଟ୍ ମସଲା ଏବଂ ୨୫ ଏବଂ ୫୦ ଗ୍ରାମର ଗରମ ମସଲା ପ୍ୟାକେଟ କିଣି ପ୍ରତିଦିନ ସୁନା ଏବଂ ରୁପା ମୁଦ୍ରା ଉପହାର ହିସାବରେ ପାଇପାରିବେ। ମସଲା ଖୋଳ ଭିତରେ ଦିଆଯାଇଥିବା ବିଜେତା କୋଡ୍ ନମ୍ବରଟି ୭୨୩୧୦୦୬୦୦୬ ନମ୍ବରକୁ ଏସ୍‌ଏମ୍‌ଏସ୍ କଲେ ଲକି ଡ୍ର ଜରିଆରେ ଏଭଳି ଉପହାର ମିଳିପାରିବ। ଏହି ଯୋଜନାର ଅବଧିର ଶେଷରେ ବମ୍ପର ଲକି ଡ୍ର ଜରିଆରେ ଗ୍ରାହକଙ୍କୁ ପ୍ରଥମ ପୁରସ୍କାର ଭାବେ ଗୋଟିଏ କାର୍, ଦ୍ୱିତୀୟ ପୁରସ୍କାର ଭାବେ ୩ଟି ସ୍କୁଟି, ତୃତୀୟ ପୁରସ୍କାରରେ ୫ଟି ରେଫ୍ରିଜରେଟର, ୪ର୍ଥ ପୁରସ୍କାର ଭାବେ ୫ଟି ମାଇକ୍ରୋଓଭନ, ୫ମ ପୁରସ୍କାର ଭାବେ ୧୦ଟି ମିକ୍ସର ଗ୍ରାଇଣ୍ଡର ଏବଂ ଅନ୍ୟ ସାନ୍ତ୍ୱନାମୂଳକ ପୁରସ୍କାର ରାଶି ରହିଛି। ଗ୍ରାହକମାନେ ମସଲା କିଣି ଏହି ପୁରସ୍କାରର ଲାଭ ଉଠାଇବାକୁ କମ୍ପାନୀ ପକ୍ଷରୁ ସୂଚନା ରହିଛି।

ଫୁରସତ୍

# ସେବା ଓ ସ୍ୱଚ୍ଛତାର ପଥେ ପଥେ

ଚାଣକ୍ୟ ତାଙ୍କ ଅର୍ଥଶାସ୍ତ୍ରରେ ଲେଖିଛନ୍ତି କୋଷ ମୂଲୋ ଦଣ୍ଡଃ । ଅର୍ଥାତ ଶାସନ ତନ୍ତ୍ର ଚଳାଇବା ପାଇଁ ଆର୍ଥିକ ସମ୍ବଳ ଅତ୍ୟାବଶ୍ୟକ । ଏହାର ସିଂହ ଭାଗ ଟିକସରୁ ଆସେ। ରାଜସ୍ୱ ଆଦାୟ କ୍ଷେତ୍ରରେ ଦେଶ ପାଇଁ ଆୟକର ବିଭାଗର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଭାରତରେ ପ୍ରଥମ ଆୟକର ଆଇନ ୨୪ ଜୁଲାଇ ୧୮୬୦ରେ ପ୍ରଣୀତ ହୋଇଥିଲା । ସେହି କାରଣରୁ ୨୦୧୦ରୁ ଜୁଲାଇ ୨୪କୁ ସାରା ଦେଶରେ ଆୟକର ଦିବସ ରୂପେ ପାଳନ କରାଯାଉଛି। ଏହି ଦିବସରେ ଆୟକରଦାତା ଓ ଜନସାଧାରଣଙ୍କୁ ଆୟକର ବିଭାଗର ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଯାଉଛି।

୨୦୨୧-୨୨ ବଜେଟରେ ଆୟକର ବିଭାଗ ଭାରତ ସରକାରଙ୍କ ମୋଟ ସମ୍ବଳ ସଂଗ୍ରହର ୨୭ ପ୍ରତିଶତ ଆଦାୟ କରିବ ବୋଲି ଲକ୍ଷ୍ୟ ରଖାଯାଇଛି। ଏହା ପ୍ରାୟ ୧୧,୦୯,୦୦୦ କୋଟି ଟଙ୍କା। ଦେଶର ୫୪୦ଟି ସ୍ଥାନରେ ୭୪୫




ଆଜି ଆୟକର ଦିବସ

ଆୟକର କାର୍ଯ୍ୟାଳୟରେ ପ୍ରାୟ ୪୬,୦୦୦ ଅଧିକାରୀ ଓ କର୍ମଚାରୀ କାର୍ଯ୍ୟରତ। ଓଡ଼ିଶାରେ ୨୩ଟି ସ୍ଥାନରେ ଥିବା ଆୟକର କାର୍ଯ୍ୟାଳୟରେ ପ୍ରାୟ ୧୨୦୦ କର୍ମଚାରୀ କାର୍ଯ୍ୟ କରୁଛନ୍ତି। ବର୍ତ୍ତମାନ ଦେଶରେ ଯେଉଁ ଆୟକର ଆଇନ ରହିଛି ତାହା ୧୯୬୧ରେ ପ୍ରବର୍ତ୍ତନ କରାଯାଇଥିଲା । ଏହି ଆଇନରେ ଅନେକ ଥର ସଂଶୋଧନ ଫଳରେ ଏହାର କଳେବର ଓ ଜଟିଳତା ବୃଦ୍ଧି ପାଇଛି। ଏହାର ସରଳୀକରଣ ଲକ୍ଷ୍ୟରେ 'ପ୍ରତ୍ୟକ୍ଷ କର କୋଡ୍' ଆଣିବା ପାଇଁ ଉଦ୍ୟମ ଜାରି ରହିଛି। ବର୍ତ୍ତମାନ ଆୟକର ସଂଗ୍ରହ ବୃଦ୍ଧି ପାଇବାରେ ଲାଗିଛି। ଅର୍ଥନୈତିକ ଅଭିବୃଦ୍ଧି କ୍ଷେତ୍ରରେ ଏହା ଏକ ଶୁଭ ଲକ୍ଷଣ। ମାତ୍ର କୋଭିଡ ମହାମାରୀ ଦେଶର ଅର୍ଥ ବ୍ୟବସ୍ଥାକୁ ବହୁ ପରିମାଣରେ କ୍ଷତି ପହଞ୍ଚାଇଛି। ଫଳରେ ପ୍ରତ୍ୟକ୍ଷକର ସଂଗ୍ରହ ମଧ୍ୟ ଗୁରୁତର ପ୍ରଭାବିତ ହୋଇଛି । ଆମ ରାଜ୍ୟ ଓଡ଼ିଶାରେ ମଧ୍ୟ ଆୟକର ରିଟର୍ନ ଦାଖଲକାରୀଙ୍କ ସଂଖ୍ୟା ଓ ଆୟକର ସଂଗ୍ରହ ପରିମାଣରେ ଉଲ୍ଲେଖଯୋଗ୍ୟ ଅଭିବୃଦ୍ଧି ହୋଇଛି । ଏବେ ଆମ ରାଜ୍ୟରେ ଆୟକର ରିଟର୍ନ ଦାଖଲକାରୀଙ୍କ ସଂଖ୍ୟା ୧୩ ଲକ୍ଷରୁ ଅଧିକ। ବିଗତ ଦଶବର୍ଷ ମଧ୍ୟରେ ଆୟକର ବିଭାଗରେ ବୈପ୍ଳବିକ ପରିବର୍ତ୍ତନ ସଂଗଠିତ ହୋଇଛି । ଆୟକର ପ୍ରଦାନ ଓ ରିଟର୍ନ ଦାଖଲ ପ୍ରକ୍ରିୟାକୁ ସହଜ ଓ ସରଳ କରିବାପାଇଁ ଅନେକ ପଦକ୍ଷେପ ନିଆଯାଇଛି। ଏହି ବିଭାଗର ଭାବମୂର୍ତ୍ତି ପରିବର୍ତ୍ତନ କରି ଏହାକୁ 'ଏକ ସେବା ପ୍ରଦାନକାରୀ କରଦାତା ବନ୍ଧୁ' ବିଭାଗରେ ପରିଣତ କରିବାର ପ୍ରକ୍ରିୟା ଆରମ୍ଭ ହୋଇ ସାରିଛି। କରଦାତାଙ୍କ ସୁବିଧା ପାଇଁ ଆୟକର ରିଟର୍ନ ଦାଖଲ ପ୍ରକ୍ରିୟାକୁ ସଂପୂର୍ଣ୍ଣ ରୂପେ କମ୍ପ୍ୟୁଟରୀକରଣ କରାଯାଇଛି । ଅତି କମ୍ ସମୟରେ ରିଟର୍ନ ପ୍ରୋସେସିଂ, ତ୍ୱରିତ ରିଫଣ୍ଡ, ଟିଡିଏସ ରିଟର୍ନ ପ୍ରୋସେସିଂ ପାଇଁ କେନ୍ଦ୍ରୀୟ ପ୍ରୋସେସିଂ କେନ୍ଦ୍ର, ଆୟକର ରିଟର୍ନ ଓ ଆୟକର ଟିଡିଏସ ରିଟର୍ନ ପାଇଁ ବାଧ୍ୟତାମୂଳକ ଇ- ଫାଇଲିଂ ସହ 'ଇ ଆସେସମେଣ୍ଟ' ପ୍ରଣାଳୀ କାର୍ଯ୍ୟକାରୀ ହୋଇଛି । ଅପିଲ ଦାଖଲ ପାଇଁ ଏବେ 'ଇ ଫାଇଲିଂ', ଇ ହିଅରିଂ ସହ ବିଭାଗକୁ ଦୁର୍ନୀତିମୁକ୍ତ, ସ୍ୱଚ୍ଛ ଓ କରଦାତା ସେବା ପରାୟଣ ଭାବେ ରୂପାନ୍ତରିତ କରାଯାଇଛି। କରଦାତାଙ୍କୁ ସହାୟତା ପ୍ରଦାନ କରିବା ପାଇଁ ଆୟକର ସହାୟତା କେନ୍ଦ୍ର, 'ଇ ନିର୍ବାଣ' 'ସମ୍ମାନ ଯୋଜନା' ଭଳି ପଦକ୍ଷେପ ନିଆଯାଇଛି।

**- ଶରତ ଦାଶ, ଭା.ପ୍ରା.ସେ.,**
ପୂର୍ବତନ ପ୍ରଧାନ ଆୟକର ଆୟୁକ୍ତ,
ଭୁବନେଶ୍ୱର , ମୋ: ୯୪୩୮୯୧୭୨୫୫



## ତିନି ଘଣ୍ଟାରେ ୧୫ କିଲୋ ଓଜନ ବଢ଼ାଇଲେ କ୍ରିତି

**ମୁମ୍ବାଇ:** ବଲିଉଡ୍‌ର କେତେଜଣ ଷ୍ଟାର ଅଛନ୍ତି ଯେଉଁମାନେ ନିଜ ଦମଦାର ଅନ୍ଦାଜ ପାଇଁ ରହନ୍ତି ଚର୍ଚ୍ଚାରେ। ଏମାନଙ୍କ ମଧ୍ୟରୁ ଜଣେ ହେଉଛନ୍ତି କ୍ରିତି ଖରବନ୍ଦା। ସେ ନିଜକୁ ଫିଟ୍ ରଖିବା ପାଇଁ ବେଶ୍ ମେହନତ କରନ୍ତି । ନିକଟରେ 'ହାଉସଫୁଲ-୪' ଆକ୍ଟ୍ରେସ୍ କ୍ରିତି ଖରବନ୍ଦା ସୋସିଆଲ ମିଡିଆରେ ଏକ ଭିଡିଓ ଶେୟାର କରିଛନ୍ତି। ଏହି ଭିଡିଓରେ ସେ ଏକ ହେଭି ଜ୍ୟାକେଟ ଓ ନର୍ମାଲ ଡ୍ରେସ ପିନ୍ଧି ଓଜନ ମାପୁଛନ୍ତି। ସେତେବେଳେ ତାଙ୍କ ଓଜନ ୪୫ କେଜି ଦେଖାଉଛି। ଏହାପରେ ସେ ବ୍ରାଇଡାଲ ମେକ୍‌ଅପରେ ଆସି ଓଜନ ମେଶିନରେ ଠିଆ ହେବା ବେଳକୁ ଓଜନ ୫୫-୫୭ କିଲୋ ଦେଖାଉଛି। ଏହି ଭିଡିଓକୁ ଶେୟାର କରି କ୍ରିତି ଲେଖିଛନ୍ତି ୩ ଘଣ୍ଟାରେ ୧୫ କିଲୋ ଓଜନ ବଢାଇବାର ଅଛି ତ ଏହି ଭିଡିଓକୁ ଦେଖନ୍ତୁ।

ନବମ ବାର୍ଷିକୀ ଜନ୍ମ ଦିନର ଶୁଭେଚ୍ଛା

(ସମ୍ଭବ)
ଦର୍ଶନ ଆଚାର୍ଯ୍ୟ
ଲୋକେଶ୍ୱରପୁର, ଖୋର୍ଦ୍ଧା
ତୋର ନବମ ବାର୍ଷିକ ଜନ୍ମତିଥି ଅବସରରେ ଏତିକି ପ୍ରାର୍ଥନା ଶ୍ରୀଜଗନ୍ନାଥ ତୋର ଚଲାପଥ କୁସୁମିତ କରନ୍ତୁ ।
-:ଶୁଭେଚ୍ଛା ସହ:-
ଜେଜେବାପା, ଜେଜେମାଆ, ନାନା, ବୋଉ, ଅଜା, ଆଈ, ମାମୁ, ମାଇଁ, ଭାଇନା, ନାନୀ, ପିଉସା, ପିଉସୀ ଓ ମାମାନାନୀ ।
ଧ-୨୧୧୦୦

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ଦିବାକର ପ୍ରଧାନ
ସିଙ୍ଗାରପୁରା, ମେରଦା, ମୟୂରଭଞ୍ଜ
ଆବିର୍ଭାବ: ୧୭।୦୩।୧୯୨୭
ତିରୋଧାନ: ୧୪।୦୭।୨୦୨୧
ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ, ନିଷ୍ଠା, ସେବା ଓ ଆଶୀର୍ବାଦ ଆମେ କେବେ ଭୁଲି ପାରିବୁ ନାହିଁ। ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ବିନମ୍ର ପ୍ରାର୍ଥନା କରୁଛୁ।
:ତୁମର ହତଭାଗ୍ୟ ଶୋକସନ୍ତପ୍ତ:
ଝିଅ, ଜ୍ୱାଇଁ ଓ ନାତି, ନାତୁଣୀମାନେ ।
ଧ-୨୧୧୫୫

ସପ୍ତମ ଶ୍ରାଦ୍ଧବାର୍ଷିକୀ

ସ୍ୱର୍ଗତା ମଇନା ମାହାରୀ
କେରେଣ୍ଟିଆପାଳ, ପୁରୀ
ତିରୋଧାନ: ୩୧।୦୭।୨୦୧୪
ଆଜି ସପ୍ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
-:ଶ୍ରଦ୍ଧାଞ୍ଜଳି ସହ:-
କୁଣ୍ଢେଇ ପଞ୍ଚାୟତ ଅଫିସ୍, ସନାତନ ସାହୁ ଏବଂ ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ।
ଧ-୨୧୧୨୭

ଚତୁର୍ଦ୍ଦଶ ଶ୍ରାଦ୍ଧଦିବସ

ସ୍ୱର୍ଗତ ଅନିରୁଦ୍ଧ ମହାନ୍ତି
ମାଉସୀମା ଛକ, ଭୁବନେଶ୍ୱର
ଆବିର୍ଭାବ: ୧୬।୦୭।୧୯୩୪
ତିରୋଧାନ: ୩୦।୦୭।୨୦୦୭ (ଗୁରୁ ପୂର୍ଣ୍ଣିମା ଦିନ)
ବାପା, ଆଜକୁ ୧୪ ବର୍ଷ ହେଲା ତୁମେ ଆମମାନଙ୍କୁ ଶୋକ ସାଗରରେ ଭସାଇ ଭଗବାନଙ୍କ ନିକଟକୁ ଚାଲିଗଲ। ବାପା ଆଜିବି ତୁମେ ଆମ ପାଖରେ ଅମର ହୋଇ ରହିଅଛ। ତୁମର ଆଦର୍ଶ ଆମମାନଙ୍କର ପ୍ରେରଣା ହେଉ। ଭଗବାନ ତୁମର ଅମର ଆତ୍ମାକୁ ଶାନ୍ତି ଦିଅନ୍ତୁ ।
ତୁମର: ପୁଅ, ବୋହୂ, ଝିଅ, ଝିଅ-ଜ୍ୱାଇଁ ଓ ନାତୁଣୀମାନେ
ଧ-୨୧୧୪୭

## ଯୌତୁକରେ କଇଁଛ, ଲାବ୍ରାଡର କୁକୁର ମାଗିଲେ

**ମୁମ୍ବାଇ:** ଦେଶରେ ଆଜିବି ଏମିତି କିଛି ସ୍ଥାନ ଅଛି ଯେଉଁଠି ଲୋକେ କନ୍ୟା ପକ୍ଷକୁ ଯୌତୁକ ଦାବି କରୁଛନ୍ତି । ମହାରାଷ୍ଟ୍ରର ଔରଙ୍ଗାବଦରୁ ଏମିତି ଏକ ମାମଲା ସାମ୍ନାକୁ ଆସିଛି । ହେଲେ ଏହା ସାଧାରଣ ଯୌତୁକଠାରୁ ଟିକେ ଭିନ୍ନ। ଏଠାରେ ବର ପକ୍ଷ କନ୍ୟା ପକ୍ଷର ପରିବାରଙ୍କୁ ୨୧ଟି ନଖ ଥିବା କଇଁଛ ଓ ଲାବ୍ରାଡର କୁକୁର ଦେବାକୁ କହିଛନ୍ତି। କନ୍ୟାପକ୍ଷ ପୋଲିସରେ ଅଭିଯୋଗ କରିବା ପରେ ପୋଲିସ ବରପକ୍ଷଙ୍କ ବିରୋଧରେ ଏଫଆଇଆର୍ ଦାଖଲ କରିଛି । ଏହି ଘଟଣା ଔରଙ୍ଗାବାଦର ଉସ୍ମାନପୁର ଅଞ୍ଚଳର ବୋଲି ଜଣାପଡିଛି । ୧୦ ଫେବୃୟାରୀରେ ଅଭିଯୁକ୍ତ ଯୁବକ ବିବାହ କରିଥିଲେ । ସେତେବେଳେ କନ୍ୟା ପକ୍ଷ ଯୌତୁକ ଆକାରରେ ୨ ଲକ୍ଷ ଟଙ୍କା ଓ ୧୦ ଗ୍ରାମ ସୁନା ଦେଇଥିଲେ । ହେଲେ ଏବେ ସେ କନ୍ୟା ପକ୍ଷକୁ କଇଁଛ ଓ କୁକୁର ମାଗିବାର କାରଣ ହେଉଛି ଯୁବକ ଜଣଙ୍କ କୁଆଡେ ଚାକିରି କରିବାକୁ ଏଗୁଡାକୁ ବ୍ୟବହାର କରିବେ । ହେଲେ କନ୍ୟାପକ୍ଷ ଏସବୁ ଦେବାକୁ ସକ୍ଷମ ନ ଥିବାରୁ ଏବେ ପୋଲିସ ବର ଓ ତାଙ୍କ ପରିବାରକୁ ଆଇପିସି ଧାରା ୪୨୦, ୪୦୬ ଓ ଧାରା ୩୪ ଆନୁଯାୟୀ, ଆପରାଧିକ ବିଶ୍ୱାସଘାତକ ଓ ଠକେଇ ମାମଲା ରୁଜୁ କରିଛି। ତେବେ ଯାଞ୍ଚ ପରେ ଏମାନଙ୍କ ଉପରେ ଆହୁରି କିଛି ଧାରା ଲାଗିପାରେ ବୋଲି କୁହାଯାଉଛି।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GALAXY TOWER COMPANY
ଭାରତ ସରକାର ଦ୍ୱାରା ସ୍ୱୀକୃତିପ୍ରାପ୍ତ ନିଜ ଛାତ, ଜମି, କ୍ଷେତ ଏବଂ ଖାଲି ସ୍ଥାନ ମାନଙ୍କରେ 4G/5G ର Digital Mobile Network ଲଗାନ୍ତୁ।
ଧୋକାବାଜ କମ୍ପାନୀ ରୁ ସାବଧାନ ରୁହନ୍ତୁ
Advance : 60 Lakh
ଭଡା : ୪୫,୦୦୦/- ମାସିକ, ଚାକିରି, ଦରମା : ୨୦,୦୦୦/- (PF+ESI) +ଏକ ବାଇକ
8004034927

ମୋବାଇଲ ଟାୱାର
ସେଣ୍ଟ୍ରାଲ ଟାୱାର
ଭାରତର ନଂ.1 କମ୍ପାନୀ
ଦ୍ୱାରା ନିଜର ଖାଲି ଜମି, ଛାତ, ପ୍ଲଟ୍, ଖେତରେ 4G-5G ମୋବାଇଲ ଟାୱାର୍ ଲଗାନ୍ତୁ
ଅଗ୍ରିମ 60 ଲକ୍ଷ
ଭଡ଼ା 25,000
ଅନ୍ୟାନ୍ୟ ଦେୟ 25,000 + ବାଇକ୍
07307631518
07307623889

ଲୋନ୍ ଧମାକା
2% ସୁଧ, 50% ଛାଡ
ମହିଳାଙ୍କ ନିମନ୍ତେ ବିଶେଷ ଛାଡ
COVID-19 ମହାମାରୀ ସମୟରେ ସମସ୍ତଙ୍କୁ ୧ଲକ୍ଷ ରୁ ୯୦ଲକ୍ଷ ପର୍ଯ୍ୟନ୍ତ ଲୋନ୍ ଯୋଗାଇ ଦିଆଯାଉଛି। ପର୍ସନାଲ୍ ଲୋନ୍, ସମ୍ପତ୍ତି ଲୋନ୍, ହୋମ୍ ଲୋନ୍, ଏଗ୍ରିକଲ୍‌ଚରାଲ୍ କିମ୍ବା ପଶୁପାଳନ ନିମନ୍ତେ ସବୁ ପ୍ରକାରର ଲୋନ୍ ଉପଲବ୍ଧ। ଘରେ ବସି Online ମାଧ୍ୟମରେ ସୁବିଧାରେ ଲୋନ୍ ର ଲାଭ ଉଠାନ୍ତୁ।
ମୁଦ୍ରା ଫାଇନାନ୍ସ
9999268493
7310635591

ALL EDITION - B/W
(Everyday)
for Booking Contact:
0674-2580385
8637280816, 9338757574
7894447167, 9338226625

BANSAL TOWER COMPANY
GOVT APPROVED COMPANY
ଦ୍ୱାରା ମାନ୍ୟତା ପ୍ରାପ୍ତ ନିଜର ଖାଲି ଥିବା ଜମି, କ୍ଷେତ, ଛାତ ଏବଂ ଖାଲି ସ୍ଥାନ ମାନଙ୍କରେ 4G/5G ଟାୱାର ଲଗାନ୍ତୁ ।
FAKE COMPANY ଠାରୁ ସାବଧାନ ରୁହନ୍ତୁ ।
Advance: 60 Lakhs
ମାସିକ ଭଡା: ୪୫୦୦୦
ଏବଂ ଜଣଙ୍କୁ ଚାକିରି ଦିଆଯିବ ।
Contact-
7376459854 / 9518817448

DHANLAXMI FINANCE
(Reg. No. Reg.No.KA4576GFS5HK7)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୪୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8004740343

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ଶିଶୁ ଶ୍ରମିକ ଉଦ୍ଧାର**

ବ୍ରହ୍ମପୁର ଅଫିସ: ଶିଶୁ ଶ୍ରମିକଙ୍କୁ ଉଦ୍ଧାର ପାଇଁ ଶ୍ରମ ବିଭାଗ, ଚାଇଲ୍ଡ ଲାଇନ ଓ ଅନ୍ୟାନ୍ୟ ସଂସ୍ଥା କାମ କରୁଛନ୍ତି। ଶୁକ୍ରବାର ଗେଟବଜାର ନିକଟ ଏକ ମୁଢି କାରଖାନାରେ ଦୀର୍ଘଦିନ ହେଲା କାମ କରୁଥିବା ଏକ ଶିଶୁ ଶ୍ରମିକକୁ ଉଦ୍ଧାର କରାଯାଇଛି। ଶିଶୁଟିକୁ ଶିଶୁ ମଙ୍ଗଳ ସମିତି ନିକଟରେ ଚାଇଲ୍ଡଲାଇନ ହାଜର କରିଛି। ଅନ୍ୟପଟେ ସମ୍ପୃକ୍ତ ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଶ୍ରମ ଅଧିକାରୀଙ୍କୁ କୁହାଯାଇଛି। ସହକାରୀ ଶ୍ରମ ଅଧିକାରୀ ବର୍ଷାରାଣୀ ଜେନା, ଚାଇଲ୍ଡ ଲାଇନର ପ୍ରଭାତ କୁମାର ପାଢୀ, ସୌରଭ ଶଙ୍କର ବେହେରା ଓ ଟାଉନ ଥାନା ପୋଲିସକୁ ନେଇ ଗଠିତ ଟିମ ଘଟଣାସ୍ଥଳରେ ପହଞ୍ଚି ଶିଶୁଟିକୁ ଉଦ୍ଧାର କରିଥିଲେ। ମୁଢ଼ି କାରଖାନା ମାଲିକଙ୍କୁ ଶ୍ରମ ବିଭାଗ କର୍ମଚାରୀ ପଚରାଉଚରା କରୁଥିବା ଚାଇଲ୍ଡ ଲାଇନ କେନ୍ଦ୍ର ସଂଯୋଜକ ସାଇ ପ୍ରସାଦ ସାମଲ କହିଛନ୍ତି।

## ସଂକ୍ଷେପରେ

### ନକଲି ଜମି ପଟ୍ଟା ବଣ୍ଟନ କରି ଅଭିଯୁକ୍ତ ଗିରଫ

ଦିଗପହଣ୍ଡି,୨୩।୭(ଡି.ଏନ.ଏ.): ଦିଗପହଣ୍ଡି ବ୍ଲକ ସାନ ଡିମ୍ବୁଳା ଗାଁର କୃଷ୍ଣଚନ୍ଦ୍ର ସେଠୀଙ୍କୁ ଶୁକ୍ରବାର କେ.ନୂଆଗାଁ ପୋଲିସ କୋର୍ଟ ଚାଲାଣ କରିଛି। ମାମଲା ନଂ.୧୩୮/୨୧ ଅନୁଯାୟୀ ଜାମିନ ଆବେଦନ ଖାରଜ ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ୍ ଜେଲକୁ ପଠାଯାଇଛି। ଅଭିଯୁକ୍ତଙ୍କ ନିକଟରୁ ପୋଲିସ ୧୫ ନକଲି ଜମି ପଟ୍ଟା, ଦିଗପହଣ୍ଡି ଅତିରିକ୍ତ ତହସିଲଦାରଙ୍କ ଦସ୍ତଖତ ଥିବା ନକଲି ରବର ଷ୍ଟାମ୍ପ ଏବଂ ଅନ୍ୟାନ୍ୟ ଉପକରଣ ଗୁଡ଼ିକୁ ଜବତ କରିଛି। ଅଭିଯୁକ୍ତ ଜଣକ ଗତ ବୁଧବାର ଦିଗପହଣ୍ଡି ବ୍ଲକ ଡିକିଲି ଗାଁରେ ପହଞ୍ଚି ଲୋକଙ୍କ ଆଗରେ ନିଜକୁ ଦିଗପହଣ୍ଡି ତହସିଲ କାର୍ଯ୍ୟାଳୟର ଅମିନ ବୋଲି ପରିଚୟ ଦେଇଥିଲେ। ପରେ ସେ ଗ୍ରାମର ସମସ୍ତ ଜଙ୍ଗଲ ଜମି ଗୁଡ଼ିକୁ ଲୋକଙ୍କ ନାଁରେ ପଟ୍ଟା କରାଇ ଦେବି ବୋଲି କହିଥିଲେ। ପ୍ରତି ଜମି ପଟ୍ଟା ପାଇଁ ଜଣ ପିଛା ୫ ହଜାର ଟଙ୍କା ଦାବି କରିବା ସହ ବିଜୟ ପୂଜାରୀ, ସନ୍ତୋଷ ନାୟକ, ପ୍ରତାପ ରୋହିତ, ବୁଲୁ ଦଳେଇ, ପ୍ରମୁଖଙ୍କ ନାଁ ସେ ଲେଖିନେବା ସହ ସେମାନଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରିଥିଲେ। କିଛି ବ୍ୟକ୍ତି ତାଙ୍କୁ ସନ୍ଦେହ କରିବା ସହ ସମସ୍ତ ଘଟଣା ସ୍ଥାନୀୟ ସରପଞ୍ଚ ସନ୍ତୋଷ ପାତ୍ରଙ୍କୁ ଜଣାଇଥିଲେ। ସରପଞ୍ଚ ଏନେଇ ଦିଗପହଣ୍ଡି ତହସିଲଦାର ଆଦ୍ୱୈତ କୁମାର ସ୍ୱାଇଁଙ୍କୁ ଜଣାଥିଲେ। ତହସିଲଦାରଙ୍କ ଏତଲା ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସୂଚନାଯୋଗ୍ୟ, ଅଭିଯୁକ୍ତ ଜଣକ ପୂର୍ବରୁ ମଧ ଠକେଇ ଅଭିଯୋଗରେ ଜେଲ ଯାଇଥିଲେ। ଗତ କିଛି ଦିନ ପୂର୍ବେ ସେ ଜେଲରୁ ମୁକୁଳି ଥିଲେ। ଅଭିଯୁକ୍ତଙ୍କ ନାଁରେ ଦିଗପହଣ୍ଡି ଥାନା ଏକାଧିକ ମାମଲା ବିଚାରାଧୀନ ଥିବା କେ. ନୂଆଗାଁ ପୋଲିସ କହିଛି।

### ମୃତକଙ୍କ ପରିବାରକୁ ସହାୟତା

ଶ୍ୱାସରୁଦ୍ଧ ହୋଇ ୩ ମୃତ୍ୟୁ ଘଟଣା

ଗୋପାଳପୁର,୨୩।୭(ଡି.ଏନ.ଏ.): ଗୋପାଳପୁର ଥାନା ବିକ୍ରମପୁର ଗ୍ରାମରେ ଗୁରୁବାର ଏକ ପାଇଖାନା ଟ୍ୟାଙ୍କରେ ଶ୍ୱାସ ରୁଦ୍ଧ ହୋଇ ୩ ଜଣଙ୍କ ମୃତ୍ୟୁ ଘଟିଥିଲା। ଶୁକ୍ରବାର କଂଗ୍ରେସ୍ ଦଳ ପକ୍ଷରୁ ସମାଜିକ କର୍ମୀ ଏସ.ଧର୍ମରାଜ୍ ରେଡ୍ଡୀଙ୍କ ନେତୃତ୍ୱରେ କଂଗ୍ରେସ୍ କେନ୍ଦ୍ରୀୟ କିଷାନ ସେଲ୍ ଅଧକ୍ଷ ରଶ୍ମି ରଞ୍ଜନ ପଟ୍ଟନାୟକ, କେ.ମୋହନ ରେଡ୍ଡୀ, ଦଣ୍ଡ ପାତ୍ର, ସରପଞ୍ଚ ଏସ.ମେନକା ରେଡ୍ଡୀ, ତେଲୁଗୁ ନାଇଡୁ କେ. ସୀମାଦ୍ରି, କେ.ହରିଶ୍ଚନ୍ଦ୍ର ପ୍ରମୁଖ ଉପସ୍ଥିତ ରହି ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ୧୦ ହଜାର ଟଙ୍କା ଏବଂ ହରିଶ୍ଚନ୍ଦ୍ର ଯୋଜନାରୁ ୨୦୦୦ ଟଙ୍କା ପ୍ରଦାନ କରିଥିଲେ। ଅପରାହ୍ନରେ ବ୍ରହ୍ମପୁର ଉପ ଜିଲାପାଳ ଭି. କୀର୍ତ୍ତି ଭାସନ୍, ରଙ୍ଗେଇଲୁଣ୍ଡା ବିଡିଓ ପ୍ରସନ୍ନ କୁମାର ପାତ୍ର, ତହସିଲଦାର ତାପସ ରାଉତ, ବ୍ଲକ ଅଧକ୍ଷା ସିଏଚ ଉଷାରାଣୀ, ଉପାଧକ୍ଷ ଅଜିତ କୁମାର ଦାଶ, ଜିଲା ପରିଷଦ ମଞ୍ଜୁଶ୍ରୀ ଦଳେଇ ପ୍ରମୁଖ ମୁଖ୍ୟମନ୍ତ୍ରୀ ପାଣ୍ଠିରୁ ପ୍ରତ୍ୟେକ ପରିବାରଙ୍କୁ ୨୦ ହଜାର ଟଙ୍କା ପ୍ରଦାନ କରାଯିବା ସହ ଆଗମୀ ଦିନରେ ସରକାରଙ୍କ ପକ୍ଷରୁ ସହାୟତା ପାଇଁ ଚେଷ୍ଟା କରିବେ ବୋଲି ବିଡିଓ କହିଛନ୍ତି। ଶୁକ୍ରବାର ଗାଁ ଶ୍ମଶାନରେ ମୃତଦେହ ଦାହ କରାଯାଇଥିଲା।

# ଜୁଆର ମାଡ଼ରେ ପୁଣି ୧୧ ଘର ଭାଙ୍ଗିଲା

ଗୋପାଳପୁର,୨୩।୭(ଡି.ଏନ.ଏ.)


ସମୁଦ୍ର ଜୁଆର ମାଡ଼ରେ ଭାଙ୍ଗି ଯାଇଥିବା ଘର।

ସମୁଦ୍ର ଜୁଆର ମାଡ଼ରେ ଗଞ୍ଜାମ ଜିଲା ଗୋଳନ୍ଥରା ଥାନା ଅନ୍ତର୍ଗତ ରାମେୟାପାଟଣା ଗ୍ରାମର ପୁଣି ୧୧ ଘର ଗୁରୁବାର ଓ ଶୁକ୍ରବାର ଭାଙ୍ଗିଯାଇଛି। ଦିନକୁ ଦିନ ଏଭଳି ଘର ଭାଙ୍ଗିଯାଉଥିବାରୁ ଗ୍ରାମବାସୀ ଭୟଭୀତ ହୋଇପଡ଼ିଛନ୍ତି। ଅନ୍ୟପଟେ ୫୦ ରୁ ୬୦ ଘର ବିପଦସଙ୍କୁଳ ଅବସ୍ଥାରେ ରହିଛି। ୨୩ ଦିନରେ ସମୁଦ୍ର ଜୁଆର ମାଡ଼ରେ ରାମେୟାପାଟଣା ଗ୍ରାମରେ ୫୭ ଘର ଭାଙ୍ଗିଯାଇଥିବା ବେଳେ ଗୋଟିଏ ସାହି ମଧ ଲୀନ ହୋଇଯାଇଛି। ଏଥିସହ ବହୁ ଧନସମ୍ପତ୍ତି ନଷ୍ଟ ହୋଇଯାଇଛି। ଗ୍ରାମର ୩ ହଜାରରୁ ଊର୍ଦ୍ଧ୍ୱ ଲୋକ ସମୁଦ୍ରରେ ମାଛ ମାରି ଜୀବିକା ନିର୍ବାହ କରୁଛନ୍ତି। କିନ୍ତୁ ସେମାନେ ମଧ ସମୁଦ୍ରକୁ ଯିବାକୁ ଭୟ କରୁଥିବା ଗ୍ରାମବାସୀ କହିଛନ୍ତି। ବିଭିନ୍ନ ସମୟରେ ସ୍ଥାନୀୟ ପ୍ରଶାସନ ଓ ଜଳ ସମ୍ପଦ ବିଭାଗ ପକ୍ଷରୁ ବରିଷ୍ଠ ଅଧିକାରୀମାନେ କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରିବା ସହ ପ୍ରତିଶ୍ରୁତି ଦେଇଚାଲିଥାନ୍ତି। ଗତ ୩ ତାରିଖରେ ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଓ ଅନ୍ୟ ଅଧିକାରୀମାନେ ଘଟଣାସ୍ଥଳରେ ପରିଦର୍ଶନ କରି ଶୀଘ୍ର ଏହାର ସ୍ଥାୟୀ ସମାଧାନ କରାଯିବା ସହ ସୁରକ୍ଷା ପ୍ରାଚୀର କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଏଯାବତ୍ ତାହା ହେଲା ନାହିଁ। ତେଣୁ ଜିଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ଏହାର ସ୍ଥାୟୀ ପ୍ରତିକାର କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ସୂଚନାଯୋଗ୍ୟ, ଗତ ୪ ବର୍ଷ ଧରି ବାହୁଦା ନଦୀର ମୁହାଣ ପୋତି ହୋଇଯାଇଛି। ଏହି ଋତୁରେ ଦକ୍ଷିଣା ପବନ ହେବା ଫଳରେ ସମୁଦ୍ର ତା'ର ଦିଗ ପରିବର୍ତ୍ତନ କରି ରାମେୟାପାଟଣା ଗ୍ରାମକୁ ମାଡ଼ିଆସୁଛି। ଫଳରେ ଗ୍ରାମବାସୀଙ୍କ ନିଦ ହଜାଇ ଦେଇଛି।

## ଟାଟା ଚା' ପ୍ୟାକେଜିଂ ୟୁନିଟକୁ ବିରୋଧୀଙ୍କ ବିରୋଧ

**ଇସ୍ପାତ ପ୍ରକଳ୍ପ ଜମି ଚାଷୀଙ୍କୁ ଫେରସ୍ତ ଦାବି**

ବ୍ରହ୍ମପୁର ଅଫିସ,୨୩।୭

ଗଞ୍ଜାମ ଜିଲାରେ ଟାଟା କମ୍ପାନୀର ଚା' ପ୍ୟାକେଜିଂ ୟୁନିଟ ଉଦଘାଟନର ୨୪ ଘଣ୍ଟା ନ ପୁରୁଣୁ ଏହାକୁ ବିରୋଧୀ ଦଳ ପକ୍ଷରୁ ବିରୋଧ କରାଯାଇଛି। ଶହେ କୋଟି ଟଙ୍କା ପୁଞ୍ଜିନିବେଶ ସହ ଦେଢ଼ ବର୍ଷ ମଧରେ ୟୁନିଟ କାର୍ଯ୍ୟକ୍ଷମ ହେବ ଏବଂ ଜିଲାର ୯ ଶହ ଲୋକଙ୍କୁ ନିଯୁକ୍ତି ଦିଆଯିବାର ହୋଇଥିବା ଘୋଷଣା ଗଞ୍ଜାମବାସୀଙ୍କୁ ଠକିବାର ପ୍ରୟାସ ବୋଲି ସମାଲୋଚନା କରାଯାଇଛି। କଂଗ୍ରେସର ଶ୍ରମିକ ସଂଗଠନ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ (ଆଇଏନଟିୟୁସି) ଜିଲା ଶାଖା ସଭାପତି ଆଇନଜୀବୀ ପୀତବାସ ପଣ୍ଡା ଶୁକ୍ରବାର ପ୍ରତିକ୍ରିୟାରେ କହିଛନ୍ତି, ଅତୀତରେ ଟାଟା କମ୍ପାନୀ ଗୋପାଳପୁର ବନ୍ଦର ଭିତ୍ତିକ ମେଗା ଇସ୍ପାତ ପ୍ରକଳ୍ପ ନାଁରେ ୩୭୦୦ ଏକର ମୂଲ୍ୟବାନ ଜମି ଅଧିଗ୍ରହଣ କରିଥିଲା। ଏହାଦ୍ୱାରା ହଜାର ହଜାର ଲୋକଙ୍କୁ ନିଯୁକ୍ତି ଦିଆଯିବାର ପ୍ରତିଶ୍ରୁତି ଦେଇଥିଲା।

କଂଗ୍ରେସ ସରକାର ଅମଳରେ ନବେ ଦଶକର ଦ୍ୱିତୀୟ ଭାଗରେ ଜମି ଅଧିଗ୍ରହଣ କରାଯାଇଥିଲା। ୨୦୦୦ ମସିହାରେ ରାଜନୈତିକ ପରିବର୍ତ୍ତନ ଘଟିବାରୁ ବିଜେଡି ଓ ଭାଜପା ମେଣ୍ଟ ଶାସନ ବେଳେ ଇସ୍ପାତ କାରଖାନାରୁ ଓହରିଗଲା। ଦେଶରେ ଉପା ସରକାର ଜମି ଅଧିଗ୍ରହଣ ନିୟମ ପରିବର୍ତ୍ତନ କରିଥିଲେ। ୧୦ ବର୍ଷ ମଧରେ ଶିଳ୍ପ ପ୍ରତିଷ୍ଠା ନ ହେଲେ ସମ୍ପୃକ୍ତ ଜମି ମାଲିକ ତଥା ଚାଷୀଙ୍କୁ ଫେରାଇ ଦିଆଯିବାର ଆଇନ ପ୍ରଣୟନ କରିଥିଲେ। ଜମି ହାତଛଡ଼ା ହୋଇଯିବା ଆଶଙ୍କାରେ ଟାଟା କମ୍ପାନୀ ମାତ୍ର ୪ ଶହ ଏକର ଜମିରେ ଫେରୋକ୍ରମ କାରଖାନା ଓ ସ୍ୱତନ୍ତ୍ର ଅର୍ଥନୈତିକ ଜୋନ କରାଯିବାର ଘୋଷଣା କରାଗଲା। ତାହା ମଧ କାର୍ଯ୍ୟକାରୀ ହୋଇନଥିବା ବେଳେ ସେହି ପରିସରରେ ଚା' ପ୍ୟାକିଙ୍ଗ ୟୁନିଟ ପ୍ରତିଷ୍ଠାର ପ୍ରହସନ କରାଯାଇଛି। ତାହା ପୁଣି ଚତୁରାତର ସହ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦଘାଟନ କରିଛି।

ଇସ୍ପାତ କାରଖାନା ଏବଂ ସେଥିରେ ନିଯୁକ୍ତିର ପ୍ରତିଶ୍ରୁତି କାର୍ଯ୍ୟକାରୀ ନ କରି ସରକାର ଓ ଜିଲାବାସୀଙ୍କୁ ଠକିଥିବା କମ୍ପାନୀ ଜମି ଫେରିବା ଆଶଙ୍କାରେ ନୂଆ ଯୋଜନା ରୂପ ଦେଇଛି। ତେଣୁ ଅଧିଗ୍ରହଣ ଜମି ତୁରନ୍ତ ଚାଷୀଙ୍କୁ ଫେରାଇବା ପାଇଁ ମଜଦୁର କଂଗ୍ରେସ ଦୃଢ଼ ଦାବି କରିଛି। ନଚେତ ପ୍ରତିବାଦରେ ଗଞ୍ଜାମ ଜିଲା ବ୍ୟାପି ଆନ୍ଦୋଳନ ସୂତ୍ରପାତ କରାଯିବାର ଆଇଏନଟିୟୁସି କଡ଼ା ଚେତାବନୀ ଦେଇଛି। ସେହିପରି ଗଞ୍ଜାମ ଜିଲା ଭାଜପା ମଧ ଚା' ପ୍ୟାକେଜିଂ ୟୁନିଟକୁ ବିରୋଧ କରିଛି। ମୁଖ୍ୟମନ୍ତ୍ରୀ ଅଜାଣତରେ ଏହାକୁ ଉଦଘାଟନ କରିଥିବା ଜିଲା ସଭାପତି ବିଭୂତି ଜେନା ସମାଲୋଚନା କରିଛନ୍ତି। ଇସ୍ପାତ ପ୍ରକଳ୍ପ ନାଁରେ କମ୍ପାନୀ ଅଧିଗ୍ରହଣ କରିଥିବା ଶହ ଶହ ଏକର ଜମି ଫେରାଇବାକୁ ରାଜ୍ୟ ସରକାର ପଦକ୍ଷେପ ନେବାକୁ ସେ ଦାବି କରିଛନ୍ତି।

## ଆଜୀବନ ଜେଲରୁ ଛାଡ଼ ପାଇଲେ ୪ କଏଦୀ

**ବ୍ରହ୍ମପୁର ମଣ୍ଡଳ କାରାଗାର**

ବ୍ରହ୍ମପୁର ଅଫିସ,୨୩।୭

ବ୍ରହ୍ମପୁର ମଣ୍ଡଳ କାରାଗାରରେ ଆଜୀବନ କାରାଦଣ୍ଡ ଭୋଗୁଥିବା ୪ଜଣ କଏଦୀ ଶୁକ୍ରବାର ମୁକୁଳିଛନ୍ତି। ରାଜ୍ୟ ଆଇନ ବିଭାଗର ଅନୁମୋଦନକ୍ରମେ ବିଭିନ୍ନ ଜେଲ୍‌ରେ ଆଜୀବନ ସଜା କାଟୁଥିବା ୩୦ କଏଦୀଙ୍କୁ ଛାଡ଼ ପାଇଁ ନିଷ୍ପତ୍ତି ହୋଇଥିଲା। ଏ ନେଇ ଅନୁମତି ମିଳିବା ପରେ ତନ୍ମଧ୍ୟରେ ବ୍ରହ୍ମପୁର ମଣ୍ଡଳ କାରାଗାରରେ ସଜା କାଟୁଥିବା ୪ କଏଦୀ ମୁକୁଳଥିବା ଜେଲର ସତ୍ୟନାରାୟଣ ବେହେରା ସୂଚନା ଦେଇଛନ୍ତି। ସେମାନେ ହେଲେ ଗୋଷାଣିନୂଆଗାଁ ଥାନା ବେଢ଼ାବନ୍ଧ ସାହିର କାହ୍ନୁ ଚରଣ ସାହୁ, ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ସାହାପୁର ଗ୍ରାମର ଲିଙ୍ଗରାଜ ନାହାକ, ଖଲ୍ଲିକୋଟ ଥାନା ଅନ୍ତର୍ଗତ ଝରାପଲି ଗ୍ରାମର ତ୍ରିନାଥ ପ୍ରଧାନ ଓ ଗଜପତି ଜିଲା ସେରଙ୍ଗ ଥାନା ଅନ୍ତର୍ଗତ ଗାଇବା ଖ୍ରୀଷ୍ଟିଆନ ସାହିର ମାନୁଆଲ ଲିମା। ଏମାନଙ୍କ ମଧ୍ୟରୁ କାହ୍ନୁଚରଣ ଓ ଲିଙ୍ଗରାଜ ୯୦ ଦିନିଆ ପାରୋଲ୍‌ରେ ଥିବା ବେଳେ ଦୁଇଜଣଙ୍କୁ ଏ ନେଇ ଜେଲ ପକ୍ଷରୁ ନୋଟିସ ଦିଆଯାଇଥିଲା। ଶୁକ୍ରବାର ମଣ୍ଡଳ କାରାଗାର ରେ ହାଜର ପରେ ଏହି ୨ଜଣଙ୍କ ସମେତ ୪ କଏଦୀଙ୍କୁ ମୁକ୍ତ କରାଯାଇଥିବା ଜେଲର୍ କହିଛନ୍ତି।

୨୦୦୦ ମସିହାରେ ଏକ ହତ୍ୟା ଘଟଣାରେ ଗୋଷାଣି ନୂଆଗାଁ ଥାନା ପୋଲିସ କାହ୍ନୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମାମଲାର ବିଚାର ବେଳେ ସେ ଦୋଷୀ ସାବ୍ୟସ୍ତ ହୋଇଥିଲେ। ୨୦୦୩ ଫେବ୍ରୁଆରୀ ୨ରୁ ଆଜୀବନ କଏଦୀ ଭାବେ ମଣ୍ଡଳ କାରାଗାରରେ ରହୁଥିଲେ। ସେହିପରି ଲିଙ୍ଗରାଜ ୧୯୯୫ ମସିହାରେ ଏକ ହତ୍ୟା ଘଟଣାରେ ଗିରଫ ହୋଇଥିଲେ। ମାମଲାର ବିଚାର ବେଳେ ସେ ଦୋଷୀ ସାବ୍ୟସ୍ତ ହୋଇଥିଲେ। ୧୯୯୬ ଅକ୍ଟୋବର ୨୮ରୁ ମଣ୍ଡଳ କାରାଗାରରେ ଆଜୀବନ କଏଦୀ ଭାବେ ଥିଲେ। ସେହିପରି ଅନ୍ୟ ଏକ ହତ୍ୟା ମାମଲାର ଅଭିଯୁକ୍ତ ଖଲ୍ଲିକୋଟ ଥାନା ଅନ୍ତର୍ଗତ ଝରାପଲ୍ଲୀର ତ୍ରିନାଥ ୨୦୦୯ରୁ ଆଜୀବନ କଏଦୀ ଭାବେ ମଣ୍ଡଳ କାରାଗାରରେ ଥିଲେ। ଗଜପତି ଜିଲା ସେରଙ୍ଗ ଥାନା ଅନ୍ତର୍ଗତ ଗାଇବା ଖ୍ରୀଷ୍ଟିଆନ ସାହିର ମାନୁଆଲ ଲିମା ମଧ ଜେଲରୁ ମୁକୁଳିଛନ୍ତି। ସେ ଏକ ହତ୍ୟା ମାମଲାରେ ଗିରଫ ହୋଇ ଆଜୀବନ ସଜା ଭୋଗୁଥିଲେ। ଏହି ୪ କଏଦୀଙ୍କୁ ଜେଲରୁ ଛାଡି ଦିଆଯାଇଛି ।

## ଗଞ୍ଜାମ ଓକିଲ ସଂଘର ସାଧାରଣ ପରିଷଦ ବୈଠକ

ବ୍ରହ୍ମପୁର ଅଫିସ,୨୩।୭

ଗଞ୍ଜାମ ଓକିଲ ସଂଘର ପ୍ରଥମ ସାଧାରଣ ପରିଷଦ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଓକିଲ ସଂଘ ସମ୍ମିଳନୀ କକ୍ଷରେ ସଭାପତି ଜନାର୍ଦ୍ଦନ ସୁବୁଦ୍ଧିଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ଆଲୋଚନା ହୋଇଥିଲା। ବ୍ରହ୍ମପୁରରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ନେଇ ଚାଲିଥିବା ଆନ୍ଦୋଳନକୁ ତ୍ୱରାନ୍ୱିତ କରିବାକୁ ଏଥିରେ ଆଲୋଚନା ହୋଇଥିଲା। ଏଥିପାଇଁ ଏକ କମିଟି ଗଠନ କରାଯାଇ ଜନପ୍ରତିନିଧିଙ୍କୁ ସାମିଲ କରାଯିବ ବୋଲି ପ୍ରସ୍ତାବ ଗୃହୀତ ହୋଇଥିଲା। ଏ ମର୍ମରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ଆଇନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କୁ ଚିଠି ପ୍ରେରଣ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ସେହିପରି ଆଇନଜୀବୀମାନେ ବର୍ଷକୁ ପ୍ରଦାନ କରୁଥିବା ବାର୍ଷିକ ଫିଁ' ଦୁଇ ଶହକୁ ୩ଶହ ଟଙ୍କାକୁ ବୃଦ୍ଧି କରିବାକୁ ନିଷ୍ପତ୍ତି ହୋଇଥିଲା। ଅନ୍ୟପଟେ ଓକିଲ ସଂଘର ମୃତ ଆଇନଜୀବୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବାକୁ ନିଷ୍ପତ୍ତି ହୋଇଛି। ପ୍ରତ୍ୟେକ ଆଇନଜୀବୀଙ୍କୁ ୫୦ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ଦିଆଯିବ ବୋଲି ସମ୍ପାଦକ ପ୍ରଦୀପ କୁମାର ବେହେରା କହିଛନ୍ତି। ବୈଠକରେ ଉପସଭାପତି ବି. ଭାଗୀରଥି ରାଓ, ଯୁଗ୍ମସମ୍ପାଦକ ସୁଧୀର ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ମୋହନ ସିଙ୍ଗାରୀ, ନିର୍ମଳ ସାହୁ, ମନୋଜ ପଟ୍ଟନାୟକ, ପ୍ରଦୀପ ପଣ୍ଡା, ଶତ୍ରୁଘ୍ନ ପାତ୍ର, ଶିବରାମ ପାତ୍ର, ଅରୁଣ ବିଶ୍ୱାଳ, ଜଗନ୍ନାଥ ମିଶ୍ର, ତାପସ ସାହୁ, କରୁଣାକର ପାଣିଗ୍ରାହୀ, ଅସିତ ସାବତ ପ୍ରମୁଖ ଉପସ୍ଥିତ ଥିଲେ।

## ସଂସ୍କାରବାଦୀ ସଙ୍ଗଠନର ଦାବିପତ୍ର


ଦାବିପତ୍ର ପ୍ରଦାନ କରାଯାଉଛି।

ବ୍ରହ୍ମପୁର ଅଫିସ,୨୩।୭

**ରିଲିଫ୍ ପାଣ୍ଠି ଅଡିଟ୍ ପାଇଁ ଦାବି**

ସଂସ୍କାରବାଦୀ ସଙ୍ଗଠନ ପକ୍ଷରୁ ଶୁକ୍ରବାର ବିଭିନ୍ନ ଦାବି ନେଇ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର (ଆର୍‌ଡିସିଙ୍କ)ଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବି ଗୁଡ଼ିକ ମଧ୍ୟରେ କରୋନାର ସମ୍ଭାବ୍ୟ ତୃତୀୟ ଲହରକୁ ଦୃଷ୍ଟିରେ ରଖି ୨୦୨୨ ଏପ୍ରିଲ ଯାଏ ପ୍ରତି ରବିବାର ଶଟ୍‌ଡାଉନ୍, କୋଭିଡ୍ ନିୟମ ଉଲ୍ଲଂଘନ କରୁଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ଗ୍ରାମାଞ୍ଚଳ ଓ ସହରାଞ୍ଚଳ ପନିପରିବା ବିକ୍ରୟ କେନ୍ଦ୍ରଗୁଡ଼ିକୁ ୫୦୦ ମିଟର ବ୍ୟବଧାନରେ ବିକେନ୍ଦ୍ରୀକରଣ କରିବା ଓ ରିଲିଫ୍ ପାଣ୍ଠିର ଅଡିଟ କରିବା ଆଦି ରହିଛି। ଦାବିପତ୍ର ପ୍ରଦାନ ବେଳେ ସଂଘ ସଭାପତି ତ୍ରିନାଥ ମହାରଣାଙ୍କ ସମେତ ଶିବ ପ୍ରସନ୍ନ ମିଶ୍ର, ପରୀକ୍ଷିତ ବେହେରା, ଦାଶରଥି ସାହୁ, ରବୀନ୍ଦ୍ର କୁମାର ସାହୁ, ବିଜୟ କୁମାର ପଟ୍ଟନାୟକ, ବସନ୍ତ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଜାତୀୟ ଜୁନିୟର ବକ୍ସିଂ ପ୍ରତିଯୋଗିତାରେ ଗଞ୍ଜାମରୁ ୮ ପ୍ରତିଯୋଗୀ


ବ୍ରହ୍ମପୁର ଷ୍ଟେଶନରେ ବକ୍ସିଂ ପ୍ରତିଯୋଗୀ ଦଳ।

ବ୍ରହ୍ମପୁର ଅଫିସ,୨୩।୭

ଏଚବିଆଇ ଓ ବି.ଏଫ.ଆଇ ର ମିଳିତ ସହଯୋଗରେ ହରିୟାଣାର ସନିପତ ସହର ସ୍ଥିତ ଦିଲ୍ଲୀ ପବ୍ଲିକ ସ୍କୁଲରେ ଚତୁର୍ଥ ଜାତୀୟ ଜୁନିୟର ବକ୍ସିଂ ପ୍ରତିଯୋଗିତା ଚଳିତ ମାସ ୨୬ରୁ ୧ ଅଗଷ୍ଟ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଏହି ପ୍ରତିଯୋଗିତା ନିମନ୍ତେ ଓଡ଼ିଶା ଦଳରେ ସ୍ଥାନ ପାଇଛନ୍ତି ଗଞ୍ଜାମର ୮ ପ୍ରତିଯୋଗୀ। ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ନିମନ୍ତେ ଶୁକ୍ରବାର ପ୍ରତିଯୋଗୀଙ୍କ ଦଳ ବ୍ରହ୍ମପୁରରୁ ହରିୟାଣା ସନିପତ ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି।

ଏହି ପ୍ରତିଯୋଗିତାକୁ ଗଞ୍ଜାମ ଜିଲାରୁ ଉଭୟ ମହିଳା ଓ ପୁରୁଷ ବିଭାଗରେ ୪ ଜଣ ଲେଖାଏ ପ୍ରତିଯୋଗୀ ମନୋନୀତ ହୋଇଛନ୍ତି। ସେମାନେ ହେଲେ ଶ୍ରୀୟା ମହାରଣା, ମନସ୍ୱିନି ସାବତ, ଭୂମିକା ପ୍ରଧାନ, ଶ୍ୟାମା ମୁଖୀ। ସେହିଭଳି ପୁରୁଷ ବିଭାଗରେ ଏସ. ସାଇପ୍ରତାପ, ପ୍ରବୀଣ କୁମାର ସେଠୀ, ବିଶାଳ ସାହୁ ଓ ସୌମ୍ୟରଞ୍ଜନ ପରିଡ଼ା। ଏହି ପ୍ରତିଯୋଗିତାକୁ ଓଡିଶା ଅମେଚର ବକ୍ସିଂ ଆସୋସିଏଶନ ସମ୍ପାଦକ ଅନିଲ ବଦିହାର ପରିଚାଳନା କରିବେ। ପ୍ରତିଯୋଗୀଙ୍କ ସହ କୋଚ ଭାବେ ଜାତୀୟ ରେଫରୀ ଶିଶିର କୁମାର ପାଣିଗ୍ରାହୀ, ଟିମ ମ୍ୟାନେଜର ଭାବେ ଗୌରି ପଣ୍ଡା, ସଞ୍ଜୟ କୁମାର ସେଠୀ ପ୍ରମୁଖ ହରିୟାଣା ଅଭିମୁଖେ ଯାତ୍ରା କରିଛନ୍ତି। ଗଞ୍ଜାମ ଜିଲା ବକ୍ସିଂ ସଂଘ ସମ୍ପାଦକ କେ.ପ୍ରଭାକର ରାଓ, ଜିଲା କ୍ରୀଡ଼ା ସଂଘ ସମ୍ପାଦକ ଅଶୋକ ସାହୁ, କୋଚ ଶିବରାମ ପାତ୍ରଙ୍କ ସମେତ ବହୁ ସ୍ଥାନୀୟ କ୍ରୀଡ଼ାବିତ ପ୍ରତିଯୋଗୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଅଭିଯୁକ୍ତଙ୍କ ଗିରଫ ଦାବିକଲା ଭାରତୀୟ ବିକାଶ ପରିଷଦ

ବ୍ରହ୍ମପୁର ଅଫିସ,୨୩।୭

**ଥାନାରେ ଯୁବକଙ୍କ ଆତ୍ମହତ୍ୟା ଘଟଣା**

ଗୋଳନ୍ଥରା ଥାନାରେ ଗତ ମେ ୩ରେ ରଙ୍ଗିପୁର ଗ୍ରାମର ଗଣେଶ ଡାକୁଆ ଆତ୍ମହତ୍ୟା କରିଥିଲେ। କେତେଜଣ ପୋଲିସ ଅଧିକାରୀ କର୍ତ୍ତବ୍ୟରେ ଅବହେଳା କରିଥିବାରୁ ଗଣେଶ ଆତ୍ମହତ୍ୟା କରିଥିଲେ। ଏଥିପାଇଁ ଯୋଉଁମାନେ ଦାୟୀ, ସେମାନଙ୍କୁ ଗିରଫ କରିବା ଦାବି ନେଇ ଶୁକ୍ରବାର ଭାରତୀୟ ବିକାଶ ପରିଷଦ ଦକ୍ଷିଣାଞ୍ଚଳ ଡିଆଇଜି ସତ୍ୟବ୍ରତ ଭୋଇଙ୍କୁ ଭେଟିଛନ୍ତି। ଏଥିସହ ମୃତକଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା ସହାୟତା ପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ସୂଚନାଯୋଗ୍ୟ ଗଣେଶଙ୍କ ମୃତ୍ୟୁ ଘଟଣା ପରେ ଦକ୍ଷିଣାଞ୍ଚଳ ଡିଆଇଜି ସତ୍ୟବ୍ରତ ଭୋଇ ଓ ବ୍ରହ୍ମପୁର ଏସପି ପିନାକ ମିଶ୍ର ଥାନାକୁ ଯାଇ ତଦନ୍ତ କରିଥିଲେ। ଥାନାଧିକାରୀଙ୍କୁ ଏସ୍‌ପି ପୋଲିସ ମୁଖ୍ୟାଳୟକୁ ବଦଳି କରିବା ସହ ଜଣେ ଏଏସ୍‌ଆଇ ଓ କନଷ୍ଟେବଳଙ୍କୁ ନିଲମ୍ବିତ କରିଥିଲେ।

## ତୀର୍ଥଯାତ୍ରୀଙ୍କୁ ମିଳିବ ସ୍ୱତନ୍ତ୍ର ସେବା

ବ୍ରହ୍ମପୁର ଅଫିସ,୨୩।୭



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଆଇଆର୍‌ସିଟିସି କର୍ମକର୍ତ୍ତା।

**ମହାଳୟା ପିଣ୍ଡଦାନ ନିମନ୍ତେ ସ୍ୱତନ୍ତ୍ର ଟ୍ରେନ୍**

ମହାଳୟା ପିଣ୍ଡଦାନ ଉପଲକ୍ଷେ ରେଳବାଇ ଆଇଆର୍‌ସିଟିସି ପକ୍ଷରୁ ତୀର୍ଥ ଯାତ୍ରୀଙ୍କ ନିମନ୍ତେ 'ମହାଳୟା ପିଣ୍ଡଦାନ ତର୍ପଣ' ନାମରେ ସ୍ୱତନ୍ତ୍ର ଟ୍ରେନ୍ ସେବା ଆରମ୍ଭ ହେବାକୁ ଯାଉଛି। ଶୁକ୍ରବାର ବ୍ରହ୍ମପୁର ରେଳ ଷ୍ଟେଶନ୍‌ଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଭୁବନେଶ୍ୱର ଆଇଆର୍‌ସିଟିସି ରିଜିଓନାଲ ମ୍ୟାନେଜର୍ ଡ.କ୍ରାନ୍ତି ପି. ସୱରକର ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏଥିରେ କେବଳ ତୀର୍ଥ ଯାତ୍ରୀମାନେ ଯାତ୍ରା କରିବେ। ତୀର୍ଥଯାତ୍ରୀମାନେ ବାରଣାସୀ, ପ୍ରୟାଗରାଜ ଓ ଗୟାଠାରେ ପିଣ୍ଡଦାନ କରିବାର ସୁବିଧା ଉପଲବ୍ଧ ହେବ। ଏଥିନିମନ୍ତେ ଟିକେଟ ବୁକିଂ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ତୀର୍ଥଯାତ୍ରା ସେପ୍ଟେମ୍ବର ୨୫ରୁ ଆରମ୍ଭ ହୋଇ ଅକ୍ଟୋବର ୧ରେ ସରିବ। ଏହି ଟ୍ରେନ୍‌ରେ ୧୦ଟି କୋଚ୍ ରହିଛି। ଏଥିମଧ୍ୟରୁ ୫ଟି କୋଚ୍ ଶୀତତାପ ନିୟନ୍ତ୍ରିତ ଓ ୫ଟି ଶୀତତାପ ନିୟନ୍ତ୍ରିତ ବିହୀନ କୋଚ୍ ରହିଛି। ଯେଉଁଥିରେ ୬୯୦ ଜଣ ଯାତ୍ରୀ ଯାତ୍ରା କରିପାରିବେ। ଶୀତତାପ ନିୟନ୍ତ୍ରିତ ନିମନ୍ତେ ୧୧ ହଜାର ୩୩୦ ଟଙ୍କା ଦର ଧାର୍ଯ୍ୟ ହୋଇଥିବା ବେଳେ ଶୀତତାପ ନିୟନ୍ତ୍ରିତ ବିହୀନ ନିମନ୍ତେ ୬ ହଜାର ୬୨୦ ଟଙ୍କା ଧାର୍ଯ୍ୟ କରାଯାଇଥିବା ଆଇଆର୍‌ସିଟିସି ପକ୍ଷରୁ କୁହାଯାଇଛି। ଯାତ୍ରା ସମୟରେ କେହି କୋଭିଡ୍ ସଂକ୍ରମିତ ହୁଅନ୍ତି ଆଇସୋଲେଶନ୍‌ରେ ସମସ୍ତ ଚିକିତ୍ସା ସୁବିଧା ଦିଆଯିବ। ଯାତ୍ରୀଙ୍କ ନିମନ୍ତେ ସୁରକ୍ଷା କର୍ମୀ ଓ ଆଇଆର୍‌ସିଟିସି ପକ୍ଷରୁ ଏସକର୍ଟ ଗାର୍ଡ଼ ଓ ସ୍ୱାସ୍ଥ୍ୟ କର୍ମୀ ମଧ ରହିବେ। ଆଇଆର୍‌ସିଟିସ୍ ପକ୍ଷରୁ ଏହା ପ୍ରଥମ ପ୍ରୟାୟ। ଯଦି ଏହା ସଫଳ ହୁଏ ତେବେ ଆଗାମୀ ଦିନରେ ତୀର୍ଥ ଯାତ୍ରୀଙ୍କ ନିମନ୍ତେ ଅଧିକା ଟ୍ରେନ୍ ଚଳାଚଳ ସୁବିଧା ପ୍ରଦାନ କରାଯିବ ବୋଲି ସୱରକର୍ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଆଇଆର୍‌ସିଟିସି ପର୍ଯ୍ୟଟନ ବିଭାଗର ଚିଫ୍ ସୁପରଭାଇଜର୍ ସଂଘମିତ୍ରା ରାଉଳ ଓ କ୍ୟାଟେରିଂ ବିଭାଗର ଚିଫ୍ ସୁପରଭାଇଜର୍ ଶକ୍ତି ପ୍ରସାଦ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

## ଅଣକଂଗ୍ରେସ ଶାସନରେ ବ୍ରହ୍ମପୁରକୁ ଅଣଦେଖା

ବ୍ରହ୍ମପୁର ଅଫିସ,୨୩।୭

**୪ ଦଶନ୍ଧି ହେବ ବିଧାୟକ ହୋଇନାହାନ୍ତି ମନ୍ତ୍ରୀ**

ଗଞ୍ଜାମ ଜିଲାରେ ବ୍ରହ୍ମପୁରର ଗୁରୁତ୍ୱ ରହିଛି। ବ୍ୟବସାୟ ବାଣିଜ୍ୟର ପେଣ୍ଠସ୍ଥଳୀ ସହ ଶିକ୍ଷା, ସଂସ୍କୃତି ଓ ରାଜନୀତିର ରାଜଧାନୀ ରୂପେ ବିବେଚିତ ହେଉଛି। ଏହି ନିର୍ବାଚନମଣ୍ଡଳୀରୁ ନିର୍ବାଚିତ ବିଧାୟକଙ୍କ ସମ୍ମାନ ଅଛି। ତେବେ ରାଜ୍ୟରେ ଅଣକଂଗ୍ରେସ ସରକାରରେ ଏଠାରେ ବିଧାୟକଙ୍କୁ ମନ୍ତ୍ରୀ କରା ନ ଯାଇ ଅଣଦେଖା କରାଯାଉଥିବା ଦୃଷ୍ଟାନ୍ତ ରହିଛି। ଦୀର୍ଘ ୪ ଦଶନ୍ଧି ଧରି ବ୍ରହ୍ମପୁର ବିଧାୟକ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇନାହାନ୍ତି। ଯୋଗ୍ୟତାସମ୍ପନ୍ନ ଅଣକଂଗ୍ରେସ ବିଧାୟକମାନେ କାହିଁକି ମନ୍ତ୍ରୀ ପଦ ପାଉନାହାନ୍ତି ସେନେଇ ବିଭିନ୍ନ ମହଲ ଚର୍ଚ୍ଚା କରୁଛନ୍ତି।

ସୂଚନାଯୋଗ୍ୟ, ୧୯୫୧-୫୨ରୁ ୨୦୧୯ ମଧ୍ୟରେ ହୋଇଥିବା ବିଧାନସଭା ନିର୍ବାଚନରେ ନିର୍ବାଚିତ ବିଧାୟକଙ୍କ ମଧ୍ୟରୁ ମାତ୍ର ୩ ଜଣ ମନ୍ତ୍ରୀ ହୋଇଛନ୍ତି। ୧୯୫୭ ନିର୍ବାଚନରେ ଏହି ଆସନରୁ ଓଡ଼ିଶା ହାଇକୋର୍ଟର ଅବସରପ୍ରାପ୍ତ ମୁଖ୍ୟ ବିଚାରପତି ସ୍ୱର୍ଗତ ଲିଙ୍ଗରାଜ ପାଣିଗ୍ରାହୀ କଂଗ୍ରେସ ବିଧାୟକ ହୋଇଥିଲେ। ତତ୍କାଳୀନ ସରକାରରେ ସେ କ୍ୟାବିନେଟ ମନ୍ତ୍ରୀ ହୋଇ ଗୁରୁତ୍ୱପୂର୍ଣ୍ଣ ଗୃହ ଓ ଶିକ୍ଷା ବିଭାଗ ପାଇଥିଲେ। ସେହିପରି ୧୯୬୭ରୁ ୧୯୭୪ ପର୍ଯ୍ୟନ୍ତ ୩ ନିର୍ବାଚନରେ ସ୍ୱର୍ଗତ ବିନାୟକ ଆଚାର୍ଯ୍ୟ ଲଗାତର ଭାବେ ୩ ଥର କଂଗ୍ରେସରୁ ବିଧାୟକ ହେବା ସହ ଶିକ୍ଷା, କୃଷି, ଶ୍ରମ, ଅର୍ଥ ଓ ଅବକାରୀ ବିଭାଗର କ୍ୟାବିନେଟ ମନ୍ତ୍ରୀ ଥିଲେ। ସ୍ୱଳ୍ପ ସମୟ ପାଇଁ ସେ ମୁଖ୍ୟମନ୍ତ୍ରୀ ହୋଇଥିଲେ। ପରବର୍ତ୍ତୀ ସମୟ ଅଶୀ ଦଶକର ପ୍ରଥମ ଭାଗରେ ହୋଇଥିବା ନିର୍ବାଚନରେ ବରିଷ୍ଠ ଆଇନଜୀବୀ ସ୍ୱର୍ଗତ କୃଷ୍ଣଚରଣ ପଟ୍ଟନାୟକ କଂଗ୍ରେସରୁ ବିଧାୟକ ନିର୍ବାଚିତ ହୋଇ ସେତେବେଳର ସରକାରରେ ରାଷ୍ଟ୍ର ମନ୍ତ୍ରୀ ପଦ ପାଇଥିଲେ। ସେ ମଧ ଆଇନ, ପରିବହନ ଓ ବାଣିଜ୍ୟ ବିଭାଗ ସମ୍ଭାଳିଥିଲେ। ମାତ୍ର ଦୁଇ ବର୍ଷରେ ବିଭିନ୍ନ କାରଣରୁ ମନ୍ତ୍ରୀ ପଦ ହରାଇଥିଲେ। ବ୍ରହ୍ମପୁର ବିଧାୟକ ମନ୍ତ୍ରୀ ହେବାରେ ସ୍ୱର୍ଗତ ପଟ୍ଟନାୟକ ଥିଲେ ତୃତୀୟ ଓ ଶେଷ। ୧୯୮୫ ନିର୍ବାଚନରେ ଏହି ଆସନରୁ ତତ୍କାଳୀନ ଯୁବ କଂଗ୍ରେସ ନେତା ଶିବ ଶଙ୍କର ସାହାଣୀ ମଧ ଶେଷ କଂଗ୍ରେସ ବିଧାୟକ ହୋଇଥିଲେ।

୧୯୯୦ ନିର୍ବାଚନରେ ଜନତା ଦଳରୁ ପ୍ରାର୍ଥୀ ହୋଇଥିଲେ ଅବସରପ୍ରାପ୍ତ ପୋଲିସ ଅଫିସର ସ୍ୱର୍ଗତ ବିନାୟକ ମହାପାତ୍ର। ବିଧାୟକ ଭାବେ ନିର୍ବାଚିତ ହେଲେ,କିନ୍ତୁ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇ ନ ଥିଲେ। ୧୯୯୫ ନିର୍ବାଚନରେ ମଧ ଜନତା ଦଳରୁ ବିଧାୟକ ହୋଇଥିଲେ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ। ସେହିପରି ୨୦୦୦ରୁ ୨୦୧୪ ପର୍ଯ୍ୟନ୍ତ ହୋଇଥିବା ନିର୍ବାଚନରେ ଚ୍ୟାଉ ପଟ୍ଟନାୟକ ୪ ଥର ବିଜେଡିରୁ ବିଧାୟକ ହୋଇଥିଲେ। ଜନତା ଦଳ ଓ ବିଜେଡିରୁ ଲଗାତର ଭାବେ ୫ ଥର ବ୍ରହ୍ମପୁର ବିଧାୟକ ହୋଇଥିବା ସତ୍ତ୍ୱେ ତାଙ୍କୁ ନବୀନ ସରକାରରେ ଥରେ ବି ମନ୍ତ୍ରୀ କରାଯାଇ ନ ଥିଲା। ତେଣୁ ଅଣ କଂଗ୍ରେସ ସରକାରରେ ବ୍ରହ୍ମପୁର ବିଧାୟକଙ୍କୁ ଗୁରୁତ୍ୱ ଦିଆଯାଉ ନ ଥିବା ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି। ୨୦୧୯ ନିର୍ବାଚନରେ କଂଗ୍ରେସରୁ ଇସ୍ତଫା ଦେଇ ବିଜେଡିରେ ଯୋଗ ଦେଇଥିବା ବିକ୍ରମ ପଣ୍ଡାଙ୍କୁ ପ୍ରାର୍ଥୀ କରାଗଲା। ସେ ବହୁ ଭୋଟରେ ଜିତିଛନ୍ତି। ଆଗାମୀ ଦିନରେ ରାଜ୍ୟ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଓ ଅଦଳବଦଳ ହେବା ଆଲୋଚନା ଚାଲିଛି। ବିକ୍ରମଙ୍କୁ ମନ୍ତ୍ରୀ ପଦ ମିଳିବାର ତାଙ୍କ ସମର୍ଥକ ଆଶା ରଖିଛନ୍ତି। ରବାସୀ ମଧ ଅପେକ୍ଷା କରିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୨୪ ଜୁଲାଇ, ୨୦୨୧



## ସଂକ୍ଷେପରେ

### ୭୬ କରୋନା ଆକ୍ରାନ୍ତ

ନୟାଗଡ ଅଫିସ,୨୩।୭: ନୟାଗଡ ଜିଲାରେ ୨୭ ଦିନରେ ୭୬ ଜଣଙ୍କର ମୃତ୍ୟୁ ହୋଇ ସାରିଲାଣି। ଶୁକ୍ରବାର ରିପୋର୍ଟରେ ୭୬ ଆକ୍ରାନ୍ତ ଚିହ୍ନଟ ପରେ ୨ୟ ଲହରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୫, ୨୬୯ରେ ପହଞ୍ଚିଛି। ରିପୋର୍ଟରେ ଭାପୁର ବ୍ଲକରେ ୫, ଦଶପଲ୍ଲାରେ ୬, ଗଣିଆରେ ୧, ଖଣ୍ଡପଡାରେ ୧୨, ନୟାଗଡରେ ୬, ନୂଆଗାଁରେ ୧୧, ଓଡଗାଁରେ ୧୧, ରଣପୁର ବ୍ଲକରେ ୧୪, ନୟାଗଡ ମ୍ୟୁନିସିପାଲିଟିରେ ୧୦ଜଣ ଅଛନ୍ତି। କରୋନାର ପ୍ରଥମ ଓ ଦ୍ୱିତୀୟ ଲହରରେ ଜିଲାରୁ ୧୪୧ ଜୀବନ ଗଲାଣି।

### ଭାରତୀୟ ମଜଦୁର ସଂଘର ପ୍ରତିଷ୍ଠା ଦିବସ

**ନୟାଗଡ ଅଫିସ,୨୩।୭:** ଭାରତୀୟ ମଜଦୁର ସଂଘର ପ୍ରତିଷ୍ଠା ଦିବସ ଶୁକ୍ରବାର ପାଳିତ ହୋଇ ଯାଇଛି। ଖଣ୍ଡପଡା ରୋଡର ହନୁମାନ ମନ୍ଦିରଠାରେ ଆୟୋଜିତ ଉତ୍ସବରେ ପୁରୀ ବିଭାଗ ପ୍ରମୁଖ ବିଜୟ କୁମାର ପାତ୍ର ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ। ଜିଲା ଉପସଭାପତି ଜଗନ୍ନାଥ ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ପାଦକ ସୁକାନ୍ତ ମହାପାତ୍ର, ମେଡିକାଲ ସୁରକ୍ଷାକର୍ମୀ ସୁରେଶ ସାହୁ, ଆଶାସାଥୀ ସଭାନେତ୍ରୀ ଅଞ୍ଜଳି ମହାନ୍ତି ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ।

### ବୋଲେରୋ, ୨୦ କେଜି ଗଞ୍ଜେଇ ଜବତ: ୪ ଗିରଫ

**ବୌଦ୍ଧରୁ ଭୁବନେଶ୍ୱର ହେଉଥିଲା ଚାଲାଣ**

**ନୟାଗଡ ଅଫିସ,୨୩।୭:** ନୟାଗଡ଼ ଟାଉନ ଥାନା ପୋଲିସ ବୋଲେରୋ ସହ ୨୦ କେଜି ୯୦୦ ଗ୍ରାମ ଗଞ୍ଜେଇ ଶୁକ୍ରବାର ଜବତ କରିଛି। ବେଆଇନ ଗଞ୍ଜେଇ ଚାଲାଣ ଅଭିଯୋଗରେ ବୌଦ୍ଧ ଜିଲା ବୌଦ୍ଧ ଥାନା ନାକୁଆନାଳି ଗାଁର ବିଜୟ ମେଣ୍ଡାଲ(୨୫), ମହେଶ୍ୱର ଦାସ(୨୧) ଓ ସୁଜିତ ସେଠୀ(୨୧) ଏବଂ ପୁରୁଣାକଟକ ବଡବନ୍ଧ ଗାଁର ମିଥୁନ ବେହେରା(୨୩)ଙ୍କୁ ଗିରଫ କରିଛି। ଏହି ୪ ଅଭିଯୁକ୍ତଙ୍କୁ ଶନିବାର କୋର୍ଟ ଚାଲାଣ କରାଯିବ। ତେବେ ଡ୍ରାଇଭର ପୋଲିସକୁ ଚକମା ଦେଖାଇ ଖସି ଯାଇଛନ୍ତି। ବୌଦ୍ଧରୁ (ନଂ. ଓଆର୦୯ଜେ ୬୭୧୮) ବୋଲେରୋ ଯୋଗେ ଗଞ୍ଜେଇ ଭାୟା ନୟାଗଡ ଦେଇ ଭୁବନେଶ୍ୱର ଯାଉଥିଲା। ଖବର ପାଇ ନୟାଗଡ ଟାଉନ ଥାନା ପୋଲିସ ପୂର୍ବାହ୍ନ ୭ଟାରେ ହାଟଦ୍ୱାରଠାରେ ବୋଲେରୋ ସହ ଗଞ୍ଜେଇ ଜବତ କରିଛି। ଏ ନେଇ ନଂ. ୧୫୫/୨୧ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

### ନୂତନ ଓଆଇସିଙ୍କ ଦାୟିତ୍ୱ ଗ୍ରହଣ

**ବୁଗୁଡ଼ା,୨୩।୭(ଡି.ଏନ.ଏ.):** ବୁଗୁଡ଼ା ଅବକାରୀ ଥାନାରେ ନୂତନ ଓଆଇସି ଭାବେ ବ୍ରହ୍ମାନନ୍ଦ ଭୋଇ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ପୂର୍ବରୁ ବୌଦ୍ଧରେ ଥିବା ଅଧିକାରୀ ଭାବେ କାର୍ଯ୍ୟ କରି ଆସୁଥିଲେ। ବୁଗୁଡ଼ା ଅବକାରୀ ଥାନାରେ ଦୀର୍ଘବର୍ଷ ହେଲା ସ୍ଥାୟୀ ଭାବେ କୌଣସି ଓଆଇସି ଭାବେ ନିଯୁକ୍ତି ହେଉନଥିବାରୁ ଏହି ଅବକାରୀ ଥାନା କେବଳ ଅତିରିକ୍ତ ଦାୟିତ୍ୱରେ ଚାଲୁଥିଲା। ବର୍ତ୍ତମାନ ନୂତନ ଅଧିକାରୀ ଭାବେ ଭୋଇ ଯୋଗଦେବା ଫଳରେ ଥାନା ସକ୍ରିୟ ହେବାର ଆଶା ଜାଗ୍ରତ ହୋଇଛି।

# ନୈତିକ ଶିକ୍ଷା ଅଭାବରୁ ବଢୁଛି ଅପରାଧ

**ବଳାତ୍କାର, ହତ୍ୟାକାଣ୍ଡରେ ନାବାଳକ**

**ନୟାଗଡ଼ ଅଫିସ,୨୩।୭**

ନୟାଗଡ ଜିଲାରେ ବଳାତ୍କାର, ହତ୍ୟାକାଣ୍ଡରେ ନାବାଳକମାନଙ୍କୁ ଦେଖିବାକୁ ମିଳୁଛି। ଏହା ଚିନ୍ତାର କାରଣ ପାଲଟିଛି। ଏହାର ନିରାକରଣ ପାଇଁ ପଦକ୍ଷେପ ଅଥବା ସଚେତନତା କରାଯାଉନାହିଁ। ନୈତିକ ଶିକ୍ଷା ଅଭାବରୁ ଅପରାଧ ବଢ଼ି ଚାଲଥିବା ଅଭିଯୋଗ ଉଠିଲାଣି। ଏ ଦିଗରେ ପ୍ରଶାସନ ଓ ସାଧାରଣ ଲୋକ ଚିନ୍ତା କରିବାର ସମୟ ପହଞ୍ଚିଛି। ନଚେତ୍ ଏହା ଆଗକୁ ବଡ ବିପଦ ସୃଷ୍ଟି କରିପାରେ ବୋଲି ମତ ପ୍ରକାଶ ପାଇଛି।

ଜିଲାର ଦଶପଲ୍ଲା ବ୍ଲକ ବାଣିଗୋଛା ଥାନା ଧୁନ୍ଦୁଗାଡିଆ ଗାଁର ୫ ବର୍ଷର ଶିଶୁ କନ୍ୟା ବେବିନାକୁ ବଳାତ୍କାର ଓ ହତ୍ୟାକାଣ୍ଡରେ ଜଣେ ନାବାଳକ ଅଛନ୍ତି। ସେହିପରି ନୟାଗଡ ସଦର ଥାନା ଯଦୁପୁର ଗାଁରେ ଘଟିଥିବା ବହୁଚର୍ଚ୍ଚିତ ପରୀ ଅପହରଣ ଓ ହତ୍ୟାରେ ମଧ ଜଣେ ନାବାଳକ କଲେଜ ଛାତ୍ର ଅନୁରୂପ ଭାବେ ଛନ୍ଦି ହୋଇ ପଡିଛନ୍ତି। ପୁଣି ନୟାଗଡ ଟାଉନ ଥାନା ଡିଆଁପଡା ଗାଁ ନିକଟସ୍ଥ ଜଙ୍ଗଲିଆ ଅଞ୍ଚଳର ଜମିରେ ଫସଲ ଜଗିଥିବା ଡିଆଁପଡା ଗାଁର ପ୍ରହଲ୍ଲାଦ ଜେନା(୬୫) ନାମକ ଜଣେ ବୃଦ୍ଧଙ୍କୁ ୨୦୨୧ରେ ଶିଳରେ ଛେଚି ହତ୍ୟା କରାଯାଇଥିଲା। ବାପା ପ୍ରହଲ୍ଲାଦଙ୍କୁ ନାବାଳକ ପୁଅ ହତ୍ୟା କରିଥିଲେ। ସେହିଭଳି ୨୦୧୭ରେ ଶରଣକୁଳ ଥାନା ଅଞ୍ଚଳର ଜଣେ ୧୪ ବର୍ଷର ଦଶମ ଶ୍ରେଣୀ ଛାତ୍ରୀ ସୀତା(ଛଦ୍ମନାମ)ଙ୍କୁ ଗଣବଳାତ୍କାର କରାଯାଇଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଦତ୍ତ ସାଇକେଲ ବାବଦ ଅନୁଦାନ ବ୍ୟାଙ୍କକୁ ଆସିଛି କି ନାହିଁ ଜାଣି ବା ପାଇଁ ସୀତା ତାଙ୍କର ସହପାଠୀ ଛଦ୍ମନାମ ପ୍ରଶାନ୍ତଙ୍କ ସହ ଶରଣକୁଳ ଷ୍ଟେଟ ବ୍ୟାଙ୍କକୁ ୨୦୧୭ ଫେବୃୟାରୀରେ ଯାଇଥିଲେ। ସୀତା ଓ ପ୍ରଶାନ୍ତ (୧୬) ନିଜ ନିଜର ସାଇକେଲ ଯୋଗେ ଯାଇଥିଲେ। ବ୍ୟାଙ୍କରେ ପହଞ୍ଚିବା ପରେ ସେଠାରେ ନିଜ ଗାଁର ଅନ୍ୟ ଦୁଇଜଣ ୧୭ ବର୍ଷର ସାଙ୍ଗଙ୍କ ସହ ଭେଟ ହୋଇଥିଲା। ପରେ ଏହି ୩ ସହପାଠୀ ମିଳିତ ହୋଇ ସୀତାଙ୍କୁ ବାହାନା କରି ମନ୍ଦିର ବୁଲାଇ ନେବା ନାଁରେ ଜଙ୍ଗଲକୁ ନେଇ ବଳାତ୍କାର କରିଥିଲେ। ଏହି ୩ ଜଣ ଦଣ୍ଡିତ ହୋଇସାରିଲେଣି। ଏଭଳି ଜିଲାରେ ବିଭିନ୍ନ ଅପରାଧରେ ନାବାଳକଙ୍କ ସଂଖ୍ୟା ବଢ଼ି ଚାଲିଛି। ତେବେ ହତ୍ୟା ଓ ବଳାତ୍କାରରେ ନାବାଳକ ସାମିଲ ହେବା ଚିନ୍ତା ବଢ଼ାଇଛି। ଏ ସଂକ୍ରାନ୍ତରେ ଆଇନଜୀବୀ ଅମିୟ ପଟ୍ଟନାୟକ କୁହନ୍ତି, ନୈତିକ ଶିକ୍ଷାର ଅଭାବ ଦେଖା ଦେଇଛି। ଯୌଥ ପରିବାର ଭାଙ୍ଗିଯିବା ପରେ ଶିଶୁ ଆଉ ନୈତିକ ଶିକ୍ଷା ପାଉ ନାହାନ୍ତି। ବିଦ୍ୟାଳୟ ଶିକ୍ଷାରେ ମଧ ନୈତିକତା ଶିକ୍ଷା ନାହିଁ। ଧୀରେ ଧୀରେ ସାମାଜିକ ମୂଲ୍ୟବୋଧ ଅବକ୍ଷୟ ହେଉଛି। ଯାହାକି ନାବାଳକମାନଙ୍କୁ ଅପରାଧୀ ସଜାଉଛି। ହତ୍ୟା ଓ ବଳାତ୍କାର ପରି କୁତ୍ସିତ ଘଟଣାରେ ସେମାନେ ଫସି ଯାଉଛନ୍ତି। ଏଥିପାଇଁ ସଚେତନତା ଓ ନୈତିକ ଶିକ୍ଷାର ଆବଶ୍ୟକତା ଦେଖାଦେଲାଣି। ଟାଉନ ଥାନା ଆଇଆଇସି ଜୟଦୀପ ମହାନ୍ତି କୁହନ୍ତି, ଅପରାଧ ଘଟାଇବା ପରେ ନାବାଳକଙ୍କ ଆଚରଣ ଦେଖିଲେ ସେମାନେ ଅପରାଧୀ ପରି ମନେ ହେଉନାହାନ୍ତି। ସେମାନଙ୍କୁ ପଚରାଉଚୁରା ବେଳେ ସେମାନେ ଅପରାଧ ଘଟାଉ ନ ଥିବା ବାରମ୍ବାର କହୁଛନ୍ତି। ଡିଆଁପଡା ହତ୍ୟା ଘଟଣାରେ ନିଜ ବାପାଙ୍କୁ ନାବାଳକ ପୁଅ ହତ୍ୟା କଲା। ହେଲେ ଏହା ଜଣାପଡିବା ବହୁ କଷ୍ଟକର ହୋଇଥିଲା। ପରେ ହତ୍ୟା କରିଥିବା ନେଇ ରାଜି ହେବା ସହ ଏହାର କାରଣ ବତାଇ ଥିଲେ।

# ବନ୍ଧୁକ ଦେଖାଇ ବଟି ମାଗି ୨ ଯୁବକ ଗିରଫ




ବନ୍ଧୁକ ଦେଖାଇ ବଟି ଆଦାୟ କରି ଗିରଫ ହୋଇଥିବା ଦୁଇ ଭାଇ।

**ଖଣ୍ଡପଡା,୨୩।୭ (ସ୍ୱ.ପ୍ର)**

ଖଣ୍ଡପଡ଼ା ଥାନା ଖଳିସାହି ଗାଁର ୨ଭାଇଙ୍କୁ ନିକଟସ୍ଥ ଇଚ୍ଛାପୁର ଗାଁର ଯୁବକ ଆଲୋକ ଓ ଜିତୁ ନାଏକ ଗୁରୁବାର ମଧ୍ୟାହ୍ନରେ ଏକ ବନ୍ଧୁକ ଦେଖାଇ ଭୟଭୀତ କରି ୧୦ ହଜାର ଟଙ୍କା ବଟି ମାଗିବା ଅଭିଯୋଗରେ ପୋଲିସ ସେମାନଙ୍କୁ ଗିରଫ କରିଛି। ଗିରଫ ଯୁବକ ଦ୍ୱୟଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ଖଣ୍ଡପଡା ସବ୍‌ଜେଲକୁ ପଠାଇ ଦିଆଯାଇଛି।

ପ୍ରକାଶ ଯେ, ଖଳିସାହି ଗାଁର ସତ୍ୟନାରାୟଣ ମିଶ୍ର ଓ ସାନଭାଇ ରବିନାରାୟଣ ନିକଟସ୍ଥ ପାଞ୍ଚ ଘରିଆ ସାହିରେ ଷ୍ଟାର କେବୁଲ ସଜାଡିବାକୁ ଯାଇଥିଲେ। ଆଲୋକ ଓ ଜିତୁ ଏକ ବାଇକ୍ ଯୋଗେ ସେଠାରେ ପହଞ୍ଚି ୨ ଭାଇଙ୍କୁ ଏକ ବନ୍ଧୁକ ଦେଖାଇ ଭୟଭୀତ କରିଥିଲେ। ସେମାନଙ୍କଠାରୁ ୧୦ ହଜାର ଟଙ୍କା ବଟି ଦେବା ପାଇଁ ଦାବି କରିଥିଲେ। ତେବେ ସ୍ଥାନୀୟ ବାସିନ୍ଦା ଘଟଣା ସ୍ଥଳରେ ପହଞ୍ଚି ଉକ୍ତ ୨ ଯୁବକଙ୍କୁ କାବୁ କରି ଧରିଥିଲେ। ପରେ ଖଣ୍ଡପଡା ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ୨ ଯୁବକଙ୍କୁ ଥାନାକୁ ଆଣି ଘଟଣାର ଖୋଲତାଡ କରିଥିଲେ। ସତ୍ୟ ନାରାୟଣଙ୍କ ଲିଖିତ ଅଭିଯୋଗକ୍ରମେ ଖଣ୍ଡପଡା ଥାନାରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ବିଶ୍ୱଜିତ ରାଉତରାୟଙ୍କଠାରୁ ପ୍ରକାଶ।

# ପ୍ରବଳ ବର୍ଷା: ବାମ ଗାଁରେ ପଶିଲା ପାଣି



ବାମ ଗାଁ ଭିତରେ ପଶିଥିବା ବର୍ଷା ପାଣି।

**ଦଶପଲ୍ଲା,୨୩।୭ (ଡି.ଏନ.ଏ.)**

ଦଶପଲ୍ଲା ବ୍ଲକର ଆଦିବାସୀ ବହୁଳ ଚଢେୟାପଲ୍ଲୀ ପଞ୍ଚାୟତ ବାମ ଗାଁରେ ଗୁରୁବାର ରାତିରେ ପ୍ରବଳ ବର୍ଷା ଯୋଗୁ ପାହାଡି ନାଳ ଓ ଝରଣାଗୁଡିକରେ ଆଶାତୀତ ଭାବେ ଜଳସ୍ତର ବୃଦ୍ଧି ପାଇଥିଲା। ଫଳରେ ଗାଁର ମହାବୀର ସାହି ମଧରେ ପ୍ରାୟ ୩ ଫୁଟ ଉଚ୍ଚର ନାଳ ପାଣି ପ୍ରବାହିତ ହୋଇଥିଲା। ଏଥିସହ ନୀଚ ଥିବା ଘରଗୁଡିକରେ ପାଣି ପଶି ଯାଇ ଥିଲା। ସାରା ରାତି ଲୋକମାନେ ଉଜାଗର ରହି ଘରୁ ପାଣି ନିଷ୍କାସନ କରୁଥିବା ଦେଖା ଯାଇଥିଲା। ଗାଁରେ ଡ୍ରେନେଜ୍ ସିଷ୍ଟମ୍ ଠିକ୍ ନ ଥିବାରୁ ଏଭଳି ଅଘଟଣ ଘଟିଲା ବୋଲି ଗ୍ରାମବାସୀ କହିଛନ୍ତି। ତେବେ ଆଗକୁ ଆହୁରି ବର୍ଷା ଅଧିକ ହେବାକୁ ଥିବାରୁ ବ୍ଲକ ପ୍ରଶାସନ ଏ ଦିଗରେ ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ନ ନେଲେ ଆଗାମୀଦିନରେ କେତେ କଚ୍ଚା ଘର ମାଟିରେ ମିଶିବା ସହ ବହୁ ଧନ ଜୀବନ ହାନି ହେବାର ସମ୍ଭାବନା ଅଛି ବୋଲି ଗ୍ରାମବାସୀ କହିଛନ୍ତି। ବ୍ଲକ ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ପୂର୍ବତନ ଜିଲା ପରିଷଦ ସଭ୍ୟ କିଶୋର ଦଳବେହେରା, ସାମାଜିକ କର୍ମୀ ବିଭୀଷଣ ନାୟକ, ବସୁନ୍ଧରାର ସାମାଜିକ କର୍ମୀ ନିତ୍ୟାନନ୍ଦ ନାୟକ ପ୍ରମୁଖ ଦାବି କରିଛନ୍ତି।

## ସରକାରୀ ଗାଡ଼ିରେ ଆସିଲେ ଭାପୁର ବ୍ଲକ ଅଧକ୍ଷା

**ନୟାଗଡ଼ ଅଫିସ,୨୩।୭**

ନୟାଗଡ଼ ଜିଲା ଭାପୁର ବ୍ଲକରେ ଉପାଧ୍ୟକ୍ଷଙ୍କ ନାଁରେ ଥାନାରେ ମାମଲା ଓ ଅଧ୍ୟକ୍ଷାଙ୍କର ନାଁରେ ଅନାସ୍ଥା ପ୍ରସ୍ତାବ ଆଗତ ପାଇଁ ଆବେଦନ ପରେ ରାଜନୈତିକ ବିବାଦ ବଢ଼ିଛି। ଏପରିସ୍ଥଳେ ଶୁକ୍ରବାର ବ୍ଲକ ଅଧକ୍ଷା ଶାନ୍ତିଲତା ବେହେରା ଅଫିସ ଗାଡିରେ ବ୍ଲକକୁ ଆସି ସରକାରୀ କାର୍ଯ୍ୟର ତଦାରଖ କରିଥିଲେ। ପ୍ରକାଶଥାଉକି ଉପାଧ୍ୟକ୍ଷଙ୍କ କବ୍‌ଜାରୁ ବ୍ଲକ ଅଧକ୍ଷାଙ୍କ ସରକାରୀ କାର୍ଯ୍ୟାଳୟ ହଟାଇବା ଦାବି ନେଇ ଅଧକ୍ଷା ଶାନ୍ତିଲତା ଓ ତାଙ୍କ ସମର୍ଥକମାନେ ଗତ ୧୫ ତାରିଖରେ ବ୍ଲକ ସମ୍ମୁଖରେ ଧାରଣା ଦେଇଥିଲେ। ଖବରପାଇ ଉପଜିଲାପାଳ ପହଞ୍ଚି ଅଧକ୍ଷାଙ୍କ ସହ ଆଲୋଚନା କରିଥିଲେ। ପରେ ଅଧକ୍ଷା ଓ ଉପାଧ୍ୟକ୍ଷଙ୍କ ପାଇଁ ଦୁଇଟି ସ୍ୱତନ୍ତ୍ର କାର୍ଯ୍ୟାଳୟ ଯୋଗାଇ ଦେବାର ପ୍ରତିଶ୍ରୁତି ପରେ ଧାରଣା ହଟିଥିଲା। ଏ ନେଇ ଅଧକ୍ଷା ଶାନ୍ତିଲତା କୁହନ୍ତି, ଆନ୍ଦୋଳନ ପରେ ସ୍ୱାଧୀନ ଭାବେ କାମ କରିବାର ସୁଯୋଗ ମିଳିଲା। ସାଢ଼େ ୪ବର୍ଷ ପରେ ଅଫିସ ଗାଡିରେ ବ୍ଲକକୁ ଆସି କାମ କରିଛି। ଥାନାରେ ମାମଲା ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିନାହିଁ।

# ନୂଆଗାଁ ବ୍ଲକରେ ଭତ୍ତା ବଣ୍ଟନ



ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଉଛି।

**ନୂଆଗାଁ,୨୩।୭ (ଡି.ଏନ.ଏ)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ୍ ରାଜୀବ ଗାନ୍ଧି ସେବାକେନ୍ଦ୍ର ପରିସରରେ ସାମାଜିକ ସୁରକ୍ଷା ଯୋଜନାରେ ଶୁକ୍ରବାର ଅସହାୟ ବିଧବା, ବୃଦ୍ଧାବୃଦ୍ଧ ଓ ଦିବ୍ୟାଙ୍ଗମାନଙ୍କୁ ଭତ୍ତା ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ କରୋନା ମହାମାରୀକୁ ଦୃଷ୍ଟିରେ ରଖି ସାମାଜିକ ଦୂରତା ଏବଂ ମାସ୍କ ବ୍ୟବହାର କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅସହାୟମାନଙ୍କୁ ଭତ୍ତା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ୍ ଅଧ୍ୟକ୍ଷ ଅନ୍ତର୍ଯ୍ୟାମୀ ସ୍ୱାଇଁ, ଏମ୍‌ପିଙ୍କ ବ୍ଲକ୍ ପ୍ରତିନିଧି ବିଜୟ କୁମାର ଶାସମଲ, ଉପାଧ୍ୟକ୍ଷ ପୁଷ୍ପାଞ୍ଜଳି ସାହୁ, ବିଡିଓ ପ୍ରମୋଦ କୁମାର ନାୟକ ଯୋଗ ଦେଇଥିଲେ। ବିଭିନ୍ନ ପଞ୍ଚାୟତରୁ ଆସିଥିବା ୨୧୩ଜଣ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଥିଲା। ସେଥିମଧ୍ୟରୁ ବିଧବା ଭତ୍ତା ୧୦୪ଜଣଙ୍କୁ ଦିଆଯାଇଥିବା ବେଳେ ୧୦୯ଜଣ ଶାରୀରିକ ଅକ୍ଷମଙ୍କୁ ସାମିଲ କରାଯାଇଥିଲା। ଦୀର୍ଘଦିନ ଧରି ଅସହାୟମାନେ ସରକାରଙ୍କ ଏହି ଯୋଜନାରୁ ବଞ୍ଚିତ ହୋଇ ଆସୁଥିଲେ। କାର୍ଯ୍ୟକ୍ରମକୁ ସାମାଜିକ ସୁରକ୍ଷା ଅଧିକାରୀ ନିରଞ୍ଜନ ସାହୁ ଶୃଙ୍ଖଳାର ସହ ପରିଚାଳନା କରିଥିଲେ।

# ୧୨ ଜଣଙ୍କ ନାମରେ ମାମଲା ରୁଜୁ, ୨ଗିରଫ

**କରଡି ବିକାକୁ କେନ୍ଦ୍ରକରି ୨ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ**

**ଖଣ୍ଡପଡ଼ା,୨୩।୭ (ସ୍ୱ.ପ୍ର.)**

ଖଣ୍ଡପଡା ସହରର ମା' ଉମାଦେବୀଙ୍କ ଛକରେ ବାଉଁଶ କରଡି ବିକ୍ରୟକୁ କେନ୍ଦ୍ରକରି ୨ ଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳର ସୂତ୍ରପାତ ହେବାରୁ ଉଭୟ ପକ୍ଷ ଖଣ୍ଡପଡା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଭିତ୍ତିରେ ପୋଲିସ ୧୨ ଜଣଙ୍କ ନାମରେ ବିଭିନ୍ନ ଦଫାରେ ୨ ମାମଲା ରୁଜୁ କରିଛି। ସେମାନଙ୍କ ମଧ୍ୟରୁ ଉଭୟପକ୍ଷରୁ ୨ଜଣଙ୍କୁ ଶୁକ୍ରବାର ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ବିଶ୍ୱଜିତ ରାଉତରାୟ ସୂଚନା ଦେଇଛନ୍ତି। ଘଟଣାରୁ ପ୍ରକାଶ, ୨ ଗୋଷ୍ଠୀରୁ ୨ଜଣ ଯୁବକ ଉମାଦେବୀ ଛକରେ ବାଉଁଶ କରଡି ବିକୁଥିବା ବେଳେ ଗ୍ରାହକଙ୍କୁ ନେଇ ସେମାନଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇ ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା। ଏହି ଘଟଣାକୁ କେନ୍ଦ୍ରକରି ଉଭୟ ଗୋଷ୍ଠୀ ମଧ୍ୟରେ ମାର୍‌ପିଟ ହୋଇଥିଲା। ଗୋଟିଏ ଗୋଷ୍ଠୀ ପକ୍ଷରୁ ଜନାର୍ଦ୍ଦନ ପ୍ରଧାନଙ୍କ ସ୍ତ୍ରୀ ରଞ୍ଜିତାଙ୍କ ଲିଖିତ ଅଭିଯୋଗକ୍ରମେ ପୋଲିସ ୪ଜଣଙ୍କ ନାମରେ ନଂ. ୧୪୨/୨୧ ମାମଲା ରୁଜୁ କରିଛି। ଅପରଗୋଷ୍ଠୀର ବିଷ୍ଣୁପ୍ରସାଦ ପ୍ରଧାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେହିପରି ୨ୟ ଗୋଷ୍ଠୀର ହରଷ ପ୍ରଧାନଙ୍କ ଲିଖିତ ଅଭିଯୋଗକ୍ରମେ ନଂ. ୧୪୩/୨୧ରେ ଅନ୍ୟ ଏକ ମାମଲା ରୁଜୁ କରି ପୋଲିସ ୮ଜଣଙ୍କ ନାମରେ ମାମଲା ରୁଜୁ କରିବା ସହ ଭାସ୍କର ପ୍ରଧାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି।

## ୧୨୨ ୟୁନିଟ ରକ୍ତ ସଂଗ୍ରହ

**ବେଗୁନିଆପଡ଼ା,୨୩।୭(ଡି.ଏନ୍.ଏ.)**

ବେଗୁନିଆପଡ଼ା ବ୍ଲକର ସାଙ୍କୁଡ଼ା ସ୍ଥିତ ଧବଳେଶ୍ୱର ବିଦ୍ୟାପୀଠ ପରିସରରେ ପୂର୍ବତନ ବିଧାୟିକା ଭି.ସୁଜ୍ଞାନ କୁମାରୀ ଦେଓଙ୍କ ୮୪ ତମ ଜନ୍ମ ଦିବସ ଉପଲକ୍ଷେ ଶୁକ୍ରବାର ଦ୍ୱିତୀୟ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନଙ୍କ ତତ୍ତ୍ୱାବଧାନରେ ଓଡ଼ିଶା ମୋ ପରିବାର ଓ ଜୀବନ ବିନ୍ଦୁ ଏବଂ ବିଜେଡି ବେଗୁନିଆପଡ଼ା ବ୍ଲକ ଆନୁକୂଲ୍ୟରେ ଅନୁଷ୍ଠିତ ଶିବିରକୁ ବିଧାୟିକା ଉଦ୍‌ଘାଟନ କରିଥିଲେ। ଶିବିରରେ ୧୨୨ ୟୁନିଟ ରକ୍ତ ସଂଗ୍ରହ ହୋଇଛି। ଏଥିରେ ବ୍ଲକ ବିଜେଡି ସଭାପତି ବିଜୟ କୁମାର ଦୋରା, ଜୀବନ ବିନ୍ଦୁର ଜିଲା ସଂଯୋଜକ ସୁବାସ ଚନ୍ଦ୍ର ମହାରଣା, ଆସିକା ସଂସଦୀୟ କ୍ଷେତ୍ରର ସଂଯୋଜକ ନିର୍ମଳ ସାହୁ, ଜିଲା ବିଜେଡି ସାଧାରଣ ସମ୍ପାଦକ ଜଗନ୍ନାଥ ସାବତ ପ୍ରମୁଖ ସହଯୋଗ କରିଥିଲେ।

## ଗାଡ଼ି ଧକ୍କାରେ ଟ୍ରକ୍ ଚାଳକ ମୃତ

**ଗୋପାଳପୁର,୨୩।୭ (ଡି.ଏନ.ଏ.)**

ଗୋଳନ୍ଥରା ଥାନା ୧୬ନଂ. ଜାତୀୟ ରାଜପଥରେ ଗୁରୁବାର ମଧ୍ୟରାତ୍ରିରେ ଅଜଣା ଗାଡ଼ି ଧକ୍କାରେ ରାସ୍ତା ପାର ହେଉଥିବା ଜଣେ ଟ୍ରକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଆସିକା ଥାନା ବାବନପୁର ଗ୍ରାମର ଅଭିରାମ ନାୟକ (୪୭)। ବାବନପୁର ଗ୍ରାମର ଅଭିରାମ ଟ୍ରକ ଚାଳକ ହୋଇଥିବା ବେଳେ ଗୁରୁବାର ଟ୍ରକରେ ଚାଉଳ ଭର୍ତ୍ତି କରି ଗୋଳନ୍ଥରା ଥାନା ଅନ୍ତର୍ଗତ କନିଷି ଢାବା ନିକଟରେ ବିଶ୍ରାମ ନେଉଥିଲେ। କୌଣସି କାମରେ ସେ ମଧ୍ୟରାତ୍ରରେ ରାସ୍ତା ପାର ହେଉଥିବା ବେଳେ ଦୁର୍ଘଟଣା ଘଟିଥିଲା।

# ନୀଳାଦ୍ରି ବିଜେ ହେଲେ ଠାକୁର

**ଖଣ୍ଡପଡା,୨୩।୭ (ସ୍ୱ.ପ୍ର)**



ଠାକୁରଙ୍କୁ ପହଣ୍ଡି କରି ନିଆଯାଉଛି।

ଖଣ୍ଡପଡାଠାରେ ରଥଯାତ୍ରା ଅବସରରେ ୧୧ ଦିନର ଯାତ୍ରା ଶେଷ କରି ଗୁରୁବାର ୩ ଠାକୁରଙ୍କ ଅଧରପଣା ନୀତି ପରେ ଲକ୍ଷ୍ମୀନାରାୟଣ ଭେଟ ଅନୁଷ୍ଠିତ ହୋଇଥିଲା। ଗତବର୍ଷ ପରି ଚଳିତବର୍ଷ କରୋନା କଟକଣା ଯୋଗୁ ରଥଯାତ୍ରା ବନ୍ଦ ରହିଥିଲା। କେବଳ ରଥଯାତ୍ରାର ରୀତିନୀତି ପାରମ୍ପରିକ ଢଙ୍ଗରେ ପାଳନ କରାଯାଇଥିଲା। ଏ ପରିପ୍ରେକ୍ଷୀରେ ଖଣ୍ଡପଡା ରାଜ ପରିବାର ପକ୍ଷରୁ ମନ୍ଦିର ବେଢା ପରିସରରେ ଅନୁଷ୍ଠିତ ବାହୁଡା ଯାତ୍ରାର ଅନ୍ତିମ ଦିବସରେ ଏକକ ଜଗନ୍ନାଥଙ୍କୁ ସ୍ୱମନ୍ଦିରକୁ ବିଜେ କରାଯିବା ପୂର୍ବରୁ ଲକ୍ଷ୍ମୀ ଠାକୁରାଣୀଙ୍କୁ ମନ୍ଦିରରେ ଏକାକି ଛାଡି ମାଉସୀ ମା' ଘରକୁ ବୁଲିଯାଇଥିବାରୁ ମହାପ୍ରଭୁଙ୍କୁ ବିରୋଧର ସମ୍ମୁଖୀନ ହେବାକୁ ପଡିଥିଲା। ଶୁକ୍ରବାର ସନ୍ଧ୍ୟା ସାଢେ ୬ଟାରେ ପହଣ୍ଡି ସାରି ଠାକୁର ମନ୍ଦିରରେ ପ୍ରବେଶ କରିବାକୁ ଯାଉଥିବା ବେଳେ ଲକ୍ଷ୍ମୀ ଠାକୁରାଣୀ ବାରଣ କରିଥିଲେ। ରଥରୁ ଓହ୍ଲାଇ ମହାପ୍ରଭୁ ମନ୍ଦିର ଦ୍ୱାର ଦେଶରେ ପହଞ୍ଚିବା କ୍ଷଣି ଠାକୁରାଣୀ ମନ୍ଦିର କବାଟ ବନ୍ଦ କରି ଦେଇଥିଲେ। ପାରମ୍ପରିକ ରୀତିନୀତି ପରେ ଠାକୁରାଣୀଙ୍କ ସେବକମାନେ କବାଟ ଫିଟା ନୀତି ସମ୍ପନ୍ନ କରିଥିଲେ। ଠାକୁର ରଥରୁ ଓହ୍ଲାଇବା ପୂର୍ବରୁ ଯଥାରୀତି ଦକ୍ଷିଣ ଆଳତି ହୋଇଥିଲା। ପରେ ଦିଅଁଙ୍କ ନୀଳାଦ୍ରି ବିଜେ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ରାଜପରିବାର ସଦସ୍ୟ ଯୁବରାଜ ସିଦ୍ଧାର୍ଥ ଶେଖର ସିଂ ଉପସ୍ଥିତ ଥିଲେ।

# ଦେୱାନୀ ଅଦାଲତର ଗୃହ ନିର୍ମାଣ ଅଟକିଛି

**ଖଣ୍ଡପଡ଼ା,୨୩।୭ (ସ୍ୱ.ପ୍ର)**

**୨ବର୍ଷ ବିତିଲା, ମିଳିନି ଅନୁଦାନ, ସରିଛି ଜମି ହସ୍ତାନ୍ତର**

ରାଜା ରାଜୁଡା ଅମଳରୁ ଖଣ୍ଡପଡାଠାରେ ଦେୱାନୀ ଅଦାଲତ କାର୍ଯ୍ୟକରି ଆସୁଅଛି। ତେବେ ଅଞ୍ଚଳବାସୀଙ୍କ ବୃହତ୍ତର ସ୍ୱାର୍ଥ ଓ ଖଣ୍ଡପଡା ଓକିଲ ସଂଘର ନ୍ୟାଯ୍ୟ ଦାବିକୁ ଦୃଷ୍ଟିରେ ରଖି ଉଚ୍ଚ ନ୍ୟାୟାଳୟ ଓ ରାଜ୍ୟ ସରକାର ୨୦୧୯ରେ ଖଣ୍ଡପଡାଠାରେ ବରିଷ୍ଠ ଦେୱାନୀ ଅଦାଲତ ପ୍ରତିଷ୍ଠା କରିଛନ୍ତି। ଖଣ୍ଡପଡା ତହସିଲ କାର୍ଯ୍ୟାଳୟ ପରିସରରେ ୨ଟି ଅଦାଲତ ସଂକୀର୍ଣ୍ଣ ଜାଗାରେ କାର୍ଯ୍ୟ କରୁଥିବାରୁ ବିଭିନ୍ନ ସମୟରେ ପରିଚାଳନାରେ ସମସ୍ୟା ସୃଷ୍ଟି ହେଉଛି। ଏହାକୁ ଦୃଷ୍ଟିରେ ରଖି ଖଣ୍ଡପଡା ବାଇପାସ୍ ରାସ୍ତାପାର୍ଶ୍ୱରେ ଦେୱାନୀ ଅଦାଲତର ନୂତନ ଗୃହ ପ୍ରତିଷ୍ଠା ନିମନ୍ତେ ଏକ ବିସ୍ତୀର୍ଣ୍ଣ ସରକାରୀ ଜାଗା ଚିହ୍ନଟ କରାଯାଇଥିଲା। ପରବର୍ତ୍ତୀ ସମୟରେ ଖଣ୍ଡପଡା ତହସିଲ କର୍ତ୍ତୃପକ୍ଷ ଜାଗା ମାପଚୁପ କରି ୩. ୫୩ ଏକର ଜାଗା ଦେୱାନୀ ଅଦାଲତ ଗୃହ ନିର୍ମାଣ ନିମନ୍ତେ ବିଚାର ବିଭାଗ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରିଥିଲେ। ଇତି ମଧ୍ୟରେ ୨ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ହେଁ ଅନୁଦାନ ଅର୍ଥ ମଞ୍ଜୁର ହୋଇ ନ ଥିବାରୁ ଅଦାଲତ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ନ ଥିବା ପ୍ରଶାସନ ସୂତ୍ରରୁ ଜଣାପଡିଛି।




ଦେୱାନୀ କୋର୍ଟ ଲାଗି ଚିହ୍ନଟ ହୋଇଥିବା ଜାଗାରେ ସୂଚନା ଫଳକ ଲଗାଯାଇଛି।

ସୂଚନାଯୋଗ୍ୟ, ଦେୱାନୀ ଅଦାଲତର ନୂତନ ଗୃହ ନିର୍ମାଣ ନିମନ୍ତେ ପ୍ରସ୍ତାବିତ ସ୍ଥାନରୁ ଗଛ କଟାଯିବା ସହ ଜବରଦଖଲ ଉଚ୍ଛେଦ କରାଯାଇ ଏକ ସୂଚନା ଫଳକ ଲଗାଯାଇଛି। ଅଦାଲତ ଗୃହ ନିର୍ମାଣ ଦାୟିତ୍ୱ ଖଣ୍ଡପଡା ପୂର୍ତ୍ତ ବିଭାଗ କର୍ତ୍ତୃପକ୍ଷଙ୍କ ଉପରେ ନ୍ୟସ୍ତ କରାଯାଇଛି। ମାତ୍ର ରାଜ୍ୟ ସରକାର ଓ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ଉଦାସୀନତା ଯୋଗୁ ଅଦାଲତ ଗୃହ ନିର୍ମାଣରେ ବାଧକ ସାଜିଥିବାରୁ ଖଣ୍ଡପଡା ଓକିଲ ସଂଘର ସଦସ୍ୟମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ବିଭିନ୍ନ ସମୟରେ ବିଚାର ବିଭାଗୀୟ ବରିଷ୍ଠ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନରେ ଆସି ସ୍ଥିତି ଅନୁଧ୍ୟାନ କରି ଫେରିଯାଇଥିବା ଜଣାପଡିଛି। ଖଣ୍ଡପଡା ଓକିଲ ସଂଘର ସମ୍ପାଦକ ବିକ୍ରମ କେଶରୀ ଦେଓଙ୍କ ସୂଚନା ମୁତାବକ, ଏପ୍ରିଲ ୭ରେ ଓକିଲ ସଂଘ ପକ୍ଷରୁ ଆଲୋଚନା କରାଯାଇ ଏ ସମ୍ପର୍କିତ ଦାବିପତ୍ର ଉଚ୍ଚ ନ୍ୟାୟାଳୟ ଓ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇଛି। ମାତ୍ର ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ତେଣୁ ତୁରନ୍ତ ଅଦାଲତ ଗୃହ ନିର୍ମାଣ ନିମନ୍ତେ ରାଜ୍ୟ ସରକାର ଦୃଷ୍ଟି ଦେବାକୁ ଖଣ୍ଡପଡା ଓକିଲ ସଂଘର ସଭାପତି ସଂଗ୍ରାମ କେଶରୀ ମିଶ୍ର ଓ ସମ୍ପାଦକ ଦେଓଙ୍କ ସମେତ ସଦସ୍ୟମାନେ ଦାବି କରିଛନ୍ତି।